# ପିଲାଙ୍କ କଥା

## (ଭୂୟାଁ)

### ପ୍ରଥମ ଭାଗ





# ପିଲାଙ୍କ କଥା (ଭୂୟାଁ)

## ପ୍ରଥମ ଭାଗ

ବହୁଭାଷୀ ଶିକ୍ଷଣ କାର୍ଯ୍ୟକ୍ରମ ଆଧାରରେ ପିଲା ଓ
ଶିକ୍ଷକଙ୍କ ନିମନ୍ତେ ଅତିରିକ୍ତ ପୁସ୍ତିକା


ନିର୍ଦ୍ଦେଶକ
ପ୍ରଫେସର ଅଖିଳ ବିହାରୀ ଓତା

ପ୍ରସ୍ତୁତି
ଭୂୟାଁ ସଂସାଧକ ମଣ୍ଡଳୀ
ଶ୍ରୀ ଦୀନବନ୍ଧୁ ନାଏକ
ଶ୍ରୀ ଲକ୍ଷ୍ମଣ କୁମାର ପ୍ରଧାନ

ସଂଯୋଜନା
ଡ଼ଃ ପରମାନନ୍ଦ ପଟେଲ

ଅଳଙ୍କରଣ
ପ୍ରିୟରଞ୍ଜନ ବରାଳ



ପ୍ରକାଶକ
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର



Director :
**Prof. (Dr.) A.B. Ota**

Prepared by :
**Bhuyan Resource Group**
**Sri Dinabandhu Naik**
**Sri Laxman Kumar Pradhan**

Co-ordinator :
**Dr. Paramananda Patel**

Illustration :
**Priyaranjan Baral**



Published by :
**Academy of Tribal Languages & Culture**
ST & SC Development Department,
Govt. of Odisha, Bhubaneswar

# ମୁଖବନ୍ଧ

ଆମ ଓଡ଼ିଶାରେ ୬୨ ଜନଜାତି ସମ୍ପ୍ରଦାୟ ବସବାସ କରନ୍ତି । ଏମାନଙ୍କ ମଧ୍ୟରେ ୨୨ ଗୋଟି ଭାଷା ପ୍ରଚଳିତ ଥିବାର ନଜରକୁ ଆସିଛି । ପୁନଶ୍ଚ ପ୍ରତ୍ୟେକ ଜନଜାତି ଗୋଷ୍ଠୀର ଆଞ୍ଚଳିକତା ଭେଦନେଇ ଏହି ଭାଷାଗୁଡ଼ିକ ଅନେକ ଉପଭାଷା; ବୋଲି ତିଆରି କରି ଦେଇଛି । ତେଣୁ ଏହା ବିଚାରକୁ ନେଲେ ଅନେକ ଭାଷା-ଉପଭାଷାର ସମାହାର ଏକ ବୈଚିତ୍ର ପରିବେଶ ସୃଷ୍ଟି କରେ ।

ଦ୍ୱିତୀୟତଃ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ଯେଉଁ କେତେକ ବିଦ୍ୟାଳୟ ପରିଚାଳିତ ସେଠିକାର ଭାଷା ବ୍ୟବସ୍ଥା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସ୍କୁଲଠାରୁ ଭିନ୍ନ । ଏଠାରେ ପଢୁଥିବା ପିଲାମାନଙ୍କ ପାଇଁ ଆବାସିକ ସୁବିଧା ଥିବାରୁ ବାହାର ଅଞ୍ଚଳରୁ ଓ ଭିନ୍ନ ଭିନ୍ନ ଗୋଷ୍ଠୀରୁ ପିଲାମାନେ ଆସନ୍ତି । ପ୍ରତ୍ୟେକଙ୍କ ଭାଷା-ସଂସ୍କୃତି ଅପରଠାରୁ ଭିନ୍ନ । ଏକୁ ଆରେକ ବୁଝିବାରେ ଅକ୍ଷମ । ପୁଣି ଏମାନେ ରାଜ୍ୟ ବ୍ୟବସ୍ଥାରେ ପାଠ ପଢ଼ନ୍ତି । ଶିକ୍ଷକ ମଧ୍ୟ ରାଜ୍ୟ ବ୍ୟବସ୍ଥା ସହ ଜଡ଼ିତ, ତେଣୁ ଏଠାରେ ପ୍ରକୃତରେ ଏକ ବହୁ ଭାଷିକ କ୍ଷେତ୍ର ପ୍ରସ୍ତୁତ ହୁଏ; ଯେଉଁଠି ଶିକ୍ଷକ ପାଇଁ ସ୍ୱତନ୍ତ୍ର ଦକ୍ଷତାର ଆବଶ୍ୟକତା ଦେଖାଦିଏ ।

ଏହି ଦକ୍ଷତା ସାଧନକୁ ପୂର୍ତ୍ତି କରିବା ପାଇଁ କିଛି ଶିକ୍ଷଣୀୟ ସାଧନ ପୁସ୍ତିକା ସହ ସ୍ୱତନ୍ତ୍ର ତାଲିମ୍ ବ୍ୟବସ୍ଥାର ଆବଶ୍ୟକତା ଅନୁଭୂତ ହୁଏ, ଯାହା ଭିନ୍ନ ଭିନ୍ନ ଭାଷା-ସଂସ୍କୃତିର ପିଲାମାନଙ୍କୁ ଏକତ୍ର ବାନ୍ଧିବାରେ ଓ ଶିକ୍ଷଣ ପ୍ରକ୍ରିୟାରେ ସାମିଲ୍ କରିବାରେ ସହାୟକ ହେବ ବୋଲି ଆଶା କରାଯାଏ ।

ପଦକ୍ଷେପ ସ୍ୱରୂପ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ପ୍ରାଥମିକ ଶିକ୍ଷକମାନଙ୍କୁ ବହୁଭାଷୀ ଶିକ୍ଷଣରେ ଦକ୍ଷତା ହାସଲ ଉପରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପ୍ରସ୍ତୁତ ସହ ପର୍ଯ୍ୟାୟ କ୍ରମେ ତାଲିମ୍ ପ୍ରଦାନ କରାଯାଉଛି । ଦ୍ୱିତୀୟତଃ, ପ୍ରଥମ, ଦ୍ୱିତୀୟ ଶ୍ରେଣୀର ପିଲାମାନଙ୍କୁ ପଢ଼ାଇବା ପାଇଁ ପାଠ୍ୟ ପୁସ୍ତକ ଆଧାରିତ ଶବ୍ଦକୋଷ, ଯାହା ଶିକ୍ଷକଙ୍କ ନିମନ୍ତେ ଉଦ୍ଦିଷ୍ଟ ଏବଂ ତୃତୀୟତଃ ପିଲାମାନଙ୍କ ପଢ଼ିବା ପାଇଁ ତାଙ୍କ ଭାଷା, ସଂସ୍କୃତି ଓ ପରମ୍ପରା ଓ ରାଜ୍ୟ ଭାଷା ଆଧାରିତ କିଛି ମନଛୁଆଁ ଚିତ୍ରଭିତ୍ତିକ କାହାଣୀ, ଗୀତ-ପହଳିର ଅତିରିକ୍ତ ପୁସ୍ତିକା ପ୍ରସ୍ତୁତ କରାଯାଉଛି ।

ଏହା ପିଲାମାନଙ୍କୁ କେବଳ ଯେ ଆନନ୍ଦ ଦେବ ତା ନୁହେଁ, ତାଙ୍କ ସଂସ୍କୃତିର ଅନେକ ଉପାଦେୟ ବିଷୟ କିପରି ମୁଖ୍ୟ ସଂସ୍କୃତିକୁ ପ୍ରଭାବିତ କରୁଛି ତା ଉପରେ ଧାରଣା ଦେବ ।

ପ୍ରସ୍ତୁତ ଭୂୟାଁ ଭାଷାର ପ୍ରଥମ ଭାଗ ସନ୍ନିବିଷ୍ଟ କାହାଣୀ ଗୁଡ଼ିକରେ ସ୍ଥାନୀୟ ସାଂସ୍କୃତିକ ଉପାଦାନକୁ ପ୍ରାଧାନ୍ୟ ଦିଆଯାଇଛି । ଏକ ବୃହତ୍ତର ଜନ ସମୁଦାୟର ସଂସ୍କୃତି କିପରି ପରସ୍ପରକୁ ପୁଷ୍ଟ କରିଛି ଓ ନିଜର କରିଛି ତାର ଏକ ଝଲକ ଏହି ପୁସ୍ତିକାରୁ ମିଳିପାରିବ ।

**ଅଖିଳ ବିହାରୀ ଓତା**

# ଚତୁର୍ ଖେଳିଆ



ଗୁଟେ ବଣ୍‌ରେ ଖେଳିଆ, ଶିଆଳ୍, ଭାଲୁ ଆଉ ବାଘ୍ ରହିଥିଲାଇ । ଦିନ୍‌କର କଥା । ବଣ୍‌ରେ ଖେଳିଆ ଆଉ ଶିଆଳ୍ ଭେଟ୍ ଘାଟ୍ ହେଲାଏଁ । ଖେଳିଆ କହିଲା ଆରେ ମିତ୍ ଆମେଁ ଦିନେ ଭୁଜି ଗୁଟେ କନେ କେମନ୍ତ୍ ହେତାକ୍ ? ଶିଆଳ୍ ବଲା, ହଁ ହଁ ମିତ ବଢ଼ିଆଁ ହେବାକ୍ । ଦିହେଁ ଠିକ୍ କଲାଇ ଯେ ମାନ୍‌ମାଁ ଗାଁ କଇ ଯାଇକରି ଚାଉଲ୍, ବିରି, କୁଳଥ୍, ଛେଳି, କୁକୁଲି୍, ତେଲ୍, ନୁଣ୍ ଯିଏ ଯାହା ଦେଆକ୍ ମାଁଗି ଆଣିମାଇଁ । ଖେଳିଆ ଗୁଟେ ଗାଁକେ ଗଲା । ଶିଆଳ୍ ଗୁଟେ ଗାଁକେ ଗଲା । ଖେଳିଆ ଭିକ୍ ମାଙ୍ଗିଲା ବଳେ କହଇ –

ସିଳି ରିଟି ସିଳି ରିଟି

ମୁଠେ ପାଇନେ ଭାଜି ଖାଇତି

ପାଣି କଟେ ପିଇ ଦେତି ।

ଗାଆଁରେ ଲୋକ୍‌ମାନେ ଯାହାର୍ ଘରେ ଯାହା ଥାଏ, ମୁଠେ ମୁଠେ ଭିକ୍ ଖେଳିଆକେ ଦିଅନ୍ତି । ଶିଆଳ୍ ଭିକ୍ ମାଙ୍ଗଇ ବଳେ ବଲଇ–

ଦଦ ଦଉଁ ଚାଉଲ୍ ଖଣ୍ଡିଏ କୁକୁଳି ଗଞ୍ଜାଟାଏ

ଦଦ ଦଉଁ ଚାଉଲ୍ ଖଣ୍ଡିଏ ଛେଳିଟାଏ ।

ଶିଆଳର ଭିକ୍ ମଙ୍ଗା କଥା ସବିଏଁ ଶୁଣିଲାଏଁ ହଁସିଲାଏଁ । ଆଉ କହିଲାଇ ପିଟ ଶଳା ଶିଆଳ୍ କଇ । ଶଳା ଚାଉଲ୍ ଖଣ୍ଡିଏ, କୁକୁଳି ଗଞ୍ଜା ଗୁଟେ ନାଁ ହେନେ ଛେଳିଟାଇ ଦେଅ ବଲି କହଛି । ସେଠାଣୁଁ ଶିଆଳ୍ ଡରେଁ ଗାଁ ଛାଡି ବଣ୍‌କଇ ପଲ୍‌ଲା ।



ବଣ୍‌କଇ ଯାଇକରି ଶିଆଲ୍ ଆଉ ଖେଳିଆ ଏକାଠି ଭେଟ୍ ଘାଟ୍ ହେଲାଇ । କିଏ କିସ୍ ଆଣିଛି, କେତେ ପାଇଛି, ପଚ୍‌ରା ପଚ୍‌ରି ହେଲାଇ । ଖେଳିଆ କହିଲା, ମୁଇଁ ଏଜେ ଏତକି ପାଇଲି । ଶିଆଲ୍ କହିଲା ତୁଇଁ ଆରି ଯାହାହେନେ ଏତ୍‌କି ପାଇଲେ, ମକଇତା କେହି କିଛି ନାଁ ଦେଲାଇ । ଖେଳିଆ ବଲା ତୁଇଁ କିସ୍ ବଲି ମାଙ୍ଗସିକି । ଶିଆଲ୍ କହିଲା- ମୁଇଁତା ଦଦଦଉଁ ଚାଉଲ୍ ଖଣ୍ଡିଏ କୁକୁଳି ଗଞ୍ଜାଟାଏ ନା ହେନେ ଛେଳିଟାଇ ଦେଅ ବଲି କହଇଁ । ଖେଳିଆ ବଲା ତୁଇଁ ହିମିତି ମାଙ୍ଗିନେ ତକଇ କିଏ ହେତେ ଲେଖା ଦେବାକ । ମକଇ ତା ଚାଉଲ୍ ଦିଇଛନ୍ତି । ତୁଇ ଯିବେ ଯା, ଯେଠାଣୁ ହେନେ କୁକୁଳି ଗୁଟେ ଚୁରାଇ କରି ଆଣିବେ । ଶିଆଲ୍ ଗଲା ଗୁଟେ ଗାଁ କଇ । ଦେଖ୍‌ଲା କୁକୁଳି ଚରଛନ୍ତି । ସିଠାଣୁଁ ଗୁଟେ ଜାମୁକି କରି ଭଅଁଣି ଘଟ୍‌କିଲା । ଆର କୁକୁଳିକା କିଟ୍ କିଟେଇ କିଟ୍ କିଟେଇ କରି ଚିହିଁଳିଲାଇଁ । କୁକୁଳି କିଟ୍‌କିଲାଇ ବଳେ ବାହାରି କରି ଦେଖ୍‌ଲାଇ ଯେ ଗୁଟେ ଶିଆଲ୍ କୁକୁଳି ଭଇକରି ବଣ୍‌ବାଟେ ଘଟ୍ କଛି । ସବିଏ କିଏ ଟାଙ୍ଗର, କିଏ ହୁଟାଲ୍, କିଏ ବାଡି ଧେରି କରି ଘଟ୍ କଲାଇ । ଶିଆଲ୍ ଏତେ ବେଳକଇ ନେଞ୍ଜାକି ଟେକି ଦି କରି ଘଟ୍‌କି ଛାଡ଼ିଛିନେ ବଣ୍‌କଇ ଖେଳିଆ ଥିଲାଟିକି । ଲୋକ୍‌ଗା ଶିଆଲ୍ କି ନାଁ ପାଇକରି ଘରକଇ ଫେରି ପଲ୍‌ଲାଇଁ । ଶିଆଲ୍ ଧଇଁ ସଇଁ ହି କରି ଖେଳିଆ ପାଖ୍‌ରେ ପହଁଚିଲା । ଖେଳିଆ କି ବଲା, ଇଜେ ଆଣିଲି । ଖେଳିଆ କହିଲା ତବେ ମିତ ବେଗି ବେଗି କାଟିବାଛି କର, ବେଗି ଖାବା । ଶିଆଲ୍ ବେଗି ପୁଳିପୁଳା କରି ରେଡି କଲା । ଖେଳିଆ ଯେ ସୁଁ ସୁଁ କରି ଘୁଟ୍‌ରା ଦେଥାଇ ।



ଶିଆଲ୍ ଖେଲିଆ କି ଡାକିଲା, ଆସ ଇଲାଗ୍ ଖାବା । ସବୁ ହି ଗଲା । ସେଠାଣୁଁ ଖେଲିଆ ଭାବିଲା ଶିଆଲ୍ ତା ଝାଇ ଝାଇ ଖାଇଦାକ୍ । ମୁଇଁ ଖାଇ ନାଁ ପାରଇଁ । ସିଠାଣୁ ଗୁଟେ ବୁଦ୍ଧି ପାଞ୍ଚିଲା । ଶିଆଲ୍‌କି ବଲା ଚାଲମିତ ଗୁଟେ ମଜା କରିବା । ବଣରୁଁ କଞ୍ଚି ଲହ ଆଣିମାଁ, ତୁମେ ମକଇ ବାନ୍ଧିବ, ମୁଇଁ ତମକଇ ବାନ୍ଧ୍‌ବି । ନିଜେ ଫିଟାଣି ଝାଇ ଝାଇ ଖାବା, ବଢ଼ିଆଁ ମଜା ଲାଗିଆକ୍ । ସେଠାଣୁଁ ବଣ୍ କଇ ଯାଇ କରି କଞ୍ଚି ଲହ ଆଣିଲାଇ । ଖେଲିଆ ବଲା ମକଇ ଆଗେ ବାନ୍ଧ ।ସଇଲାଗ୍ ତମ୍‌କଇ ବାନ୍ଧିବି । ଶିଆଲ୍‌କି କସିକରି ଜୁର୍‌ରେ ବାନ୍ଧିଦେଲା ।ଖେଲିଆ କି ଶିଆଲ୍ ବାନ୍ଧିଲା । ଖେଲିଆ କାଟି ଦେଣି ଟାପୁ କରି ମାଇଁସ୍ ଖଣ୍ଡେ ଖାଇଦେଲା । ପଛେ ଶିଆଲ୍ କି ବଲା ଆ ଶିଆଲ ଯେ ନାଁ ଫିଟାଇ ପାର୍‌ଲା । ଏବାଟେ ଖେଲିଆ ଝାଇ ଝାଇ ମାଇଁସ୍ ଖାଇ ଦେଥାଇ । ଶିଆଲ୍ ଖେଲିଆର୍ ଟୁଣ୍ଡ୍‌କି ଦେଖି କରି କହଥାଇ, ଦେବ ମକର ଖଣ୍ଡେ କେତେ ହେଡେ ଆଇସାଇଡ୍ ହି କରି ଆଣିଥିଲି । ଶିଆଲ୍ କି ଦି ଖଣ୍ଡ କେତେ ରଖିଦେଲା । ପଛେ ଶିଆଲ୍‌କି ହିଟାଇ ଦି କରି ଫିଲିଙ୍ଗ୍ ଫିଲିଙ୍ଗ୍ ହି କରି ଘଟ୍‌କିଲା । ଶିଆଲ୍ ବଲା, ଶଳା ଖେଲିଆ ମୁଇଁ ହେଡେ ହର୍‌କତ୍ ହି କରି ଆଣିଥିଲି, ଦିଖଣ୍ଡ୍ ମାଇଁସ୍ ନେ ରଖିଦେଲେ, ତକଇ ଇଲାଗ୍ ନା ଛାଡ଼ଇଁ ମାରିଦେବି ବଲାହାର୍ ଘଟ୍‌କଲା । ଖେଲିଆ ଘଟ୍‌କ ଥିଲା ବଳେ ବାଟ୍‌ରେ ଭାଲୁ ମିତ୍‌କର୍‌କଇ ଭେଟ୍‌ଲା । ଭାଲୁ ମଉଟାଇ ଭେଟାଇ ଥିଲା । ଭାଲୁ ବଲା ଏଡ଼େ ତର୍ ତର୍ ହି କରି କେଁ କଳେ ଯାଆଛ ।



ଖେଳିଆ କହିଲା, ନାହିଁ କାହିଁ ନାହିଁ । ଭାଲୁ କହିଲା ହଉ ହେଲା ଆସ ଆମେଁ ଦିହେଁ ମିଶି ମଉ ଖାବା । ଖେଳିଆ ବଲା ଖାବା ଯେ ଆଗେ ଗୁଟେ ଖେଲ୍ ଖେଳିବା । ଆମେଁ କଞ୍ଚଲହ ଆଣି କରି ବନ୍ଧା ବନ୍ଧି ହେବା । ଭାଲୁ ହଁ କିହଲା । ଖେଳିଆ ବଲା, ମିତ ଆଗେ ତମ୍‌କଇ ବାନ୍ଧଇଁ ପଛେ ମକଇ ବାନ୍ଧିବ । ଖେଳିଆ ଭାଲୁକଇ କଟ୍‌କଟିଆ କରି ବାନ୍ଧି ଦେଲା, ଆର୍ ମଉ ଖାଇ ସାରିକରି ତାକଇ ହିଟାଇ ଦି କରି ଘଟ୍‌କିଲା ବଳେ ଭାଲୁ ରାଗରେ ତାହାକଇ ଘଟ୍‌କଲା । ଖେଳିଆ ଗଲା ଯେ ଗଲା ଯେ ତା'ର ବାଘ୍ ମିତକଇ ଭେଟ୍‌ଲା । ବାଘ୍ ବଲା ମିତ କିସ୍ କାମ୍‌ରେ ଯାଆଛ କଟିଏ ରୁହ, ମୁଇଁ ମିରିଗ୍‌ଟାଇ ମାରିଛଇଁ ଖାବା । ଖେଳିଆ ବଲା ଖାବା ଯେ ଆଗ୍‌ରେ ଆମେ ଗୁଟେ ଖେଲ୍ ଖେଳିବା । ବାଘ୍ ହଁ କଲା । ଦିହେଁ ଗଲେ କଞ୍ଚଲହ ଆଣି । ଖେଳିଆ ବାଘ୍‌କଇ ଆଗେ ବାନ୍ଧିଲା । ଆର୍ ମାଇଁସ୍ ପେଟ୍ ପୁରାଣି ଖାଲା । ଖାଇ ସାରି କରି ବାଘ୍‌କଇ ହିଟାଇ ଦେଣି ଘଟ୍‌କିଲା । ବାଘ୍ ଖେଳିଆ କଇ ଘଟ୍‌କାଲା । ବାଟ୍‌ରେ ଶିଆଲ୍, ଭାଲୁ କଇ ଭେଟ୍‌ଲା । ବାଘ୍ ବଲା କିସ୍ କଇ ଘଟ୍‌କ ଛଅ । ସମତେ ନିଜର୍ କଥା ସବୁ କୁହାକୁହି ହେଲାଇ । ଚାଲ ଖେଳିଆକଇ ସବିଏଁ ମିଶିକରି ମାର୍‌ବା ବଲାଇ । ଘଟ୍ କଲାଇ ଯେ ଘଟ୍ କଲାଇ ।



ଦେଖ୍‌ଲାଇ ଯେ ଖେଳିଆ ବିରଳି ବସା ପାଖରେ ବସିଛି । ଅଖଣି ତକଇ ମାରମୁଁ ବଲାଇ । ଖେଳିଆ ବଲା ରହ ରହ ମୁଇଁ ରଜାର ସୁନା ଘଣ୍ଟିଟା ଜଗିଛଇଁ ମକଇ ନାଁ ମାରିଲେ ତମକଇ ଏଟା ଦେଇ ଦେବି । ସୁନା କଥା ଶୁଣି ସବିଏଁ ଉସତ୍ ହେଲାଇ । ଖେଳିଆ ବଲା ମୁଇଁ ପଳାନେ ତମେ ନେମଁ ଖେଳିଆ ସେଠୁଁ ପଲ୍‌ଲା ବଳେ ସିମାନେ ବିରଲ୍‌ଟିାକଇ ଟାଳି ଦେଲାଇ । ବିରଳି ଡାଉ୍‌ଲା ତା ସବୁଆଳେ ବିନ୍ଧି ଦେଲାଇ । ତିନି ହେଁ ଉହଲ୍ ବିକଲ୍ ହିକରି ସିଠାଣୁଁ ଘଟ୍‌କିଲାଇ । ଖେଳିଆ କଇ ମାରିବା କଇ ଫିର୍ ଘଟ୍‌କା ଲାଇଁ । ଖେଳିଆ ଧବା ତୁଠରେ ପହଞ୍ଚିଲା । ଧବା ଧବଣୀ ଲୁଗା କାଚିକରି ଘର୍‌କି ଘଳାଇ ଥିଲାଇ । ପାସ୍‌ରେ ହାଣ୍ଡିଟାଇ ଥିଲା । ଆଉ ଚୁଲିରେ ନିଆଁ ଜଳଥିଲା । ଖେଳିଆ ଖପରା/ ହାଣ୍ଡିଟାରେ ବାଲିଲା ଭାଜଥାଇ । ହେତ୍‌କି ବେଳେ ସିଠାକଇ ଶିଆଳ, ଭାଲୁ, ବାଘ ପହଞ୍ଚି ଲାଇଁ ।ଇଲାଗ୍ ତକଇ ଜୀବନ୍‌ରେ ମାରିଦେମୁଁ ବଲାଇ । ଖେଳିଆ ବଲା ମୁଇଁ ପରାଇ ରଜା ଘର୍‌ର ଖଇ ଭାଜଛଇଁ । ଦେଖ୍‌ତା କେମନ୍ତ୍ ଫୁଟଛି । ମକଇ ମାରିବ ହେନେ ଖଇ ଖାବାକଇ ନାଁ ଦେଇଁ । ତା ହେନେ ଆମ୍‌କଇ ଗଣ୍ଡେ ଲେଖାଇ ଖାବାକଇ ଦେଏ । ହଁ ତେବେ ଆଁ ଫାଳି କରି ଶୁଅ । ମୁଇଁ ଦିଇଦେବି । ଟୁଣ୍ଡ୍‌ଗା ଆଁ କରି ଶଇଲାଇଁ ବଳେ ତତ୍‌ଲା ବାଲିଲା ନିଇଁ କରି ଢ଼ାଳିଲା । ଶିଆଲ୍, ଭାଲୁ, ବାଘ୍ ସିଠାଣେଁ ଫଲ୍‌କି ଫଲ୍‌କି ମଲାଇ । ଆଉ ଖେଳିଆ ଏକ୍‌ଣା ବଣ୍‌କଇ ପଲ୍‌ଲା ।

# ଭାଗ୍ୟବତୀ



ଏକ୍ ଥିଲା ସାଦ୍‌ବ ବୁଢ଼ା । ତାର ସାତ୍‌ଟା ପୁଅ ଗୁଟେ ଝିଇ । ମାଆଁ, ବୁଆ ମରି ଯାଇଥିଲାଇଁ । ସାତ୍‌ଭାଇଯାକ ବଣ୍‌କଇ ପାରଧି କରି ଗଲାଇଁ । ତାଙ୍କର ସାନ୍‌ଭଣୀକ ଘରେ ଥିଲା । ଶାଗ୍ ତଳି କରି କାଟଥିଲା ବଳେ ହାତ୍‌ରେ କାଟି ହେଲା । ରକତ୍ ବାହାରିଲା । ସିଏ ଭାବିଲା ଯେ ରକତ୍ ଗା କାହିଁରେ ଦେବି । ଟାଙ୍ଗରରେ ଦେନେ ଟାଙ୍ଗର ଖାଇଆକ୍ । ଭୂଇଁରେ ଦେନେ ଭୂଇଁ ଖାଇଆକ୍ । ଇ ଶାଗ୍‌କେ ନେ ଦେଇଁ । ଶାଗ୍ ରାନ୍ଧିଲା ଆଉ ଡଲାଇ କରି ଘରେ ବସିଥାଏ । ତାର୍ ଭାଇମାନେ ଘର୍‌କଇ ଆସ୍‌ଲାଇଁ । ହେଠୁଁ ଭାତ୍ ଦେ ବଲାଇ । ହେଠୁଁ ତାର୍ ଭଣୀକ ଭାତ୍ ବାଢ଼ି ଦେଲା ଖାନାଇଁ ବଳେ ଶାଗ୍‌ଲା ବଢ଼େ ମହୁର୍ ଲାଗ୍‌ଲା । ତାର୍ ଭାଇମାନେ ପଚରନାଇଁ, ନନୀ ତୁଇଁ କାହାର୍ ଠୁଁ ଲୁଣ୍ ଆଣ୍‌ଲେ । ନିନି କହିଲା, ହେଇ ତାଙ୍କର୍ ଘରୁ ଆଣିଥିଲି । ତାଙ୍କର ଗର୍‌କଇ ପଚାରି ଗଲାଇଁ । ତାଙ୍କର କହିନାଇଁ ଯେ ଆମର୍ ଠୁଁ ତା ଲୁଣ ନାଁ ନେଇଁ, କାହାର ଠୁଁ ନେଲା ଯେ । ଭାଇଗା ତାର ଭଣୀକେ କହିନାଇଁ ଯେ ତାଙ୍କର୍ ଠୁଁ ତୁଇଁ ନାଇଁଆଣି । ତୁଇଁ ଆରି କିସ୍ ଦେଲେ ? ସିଏ ବଲା ମୁଇଁ ଶାଗ୍ କାଟ୍‌ଲି ବଳେ କାଟି ହେଲି । ରକତ୍‌ଲା କାହିଁକେ ଦେବି ଟାଙ୍ଗର କେ ଦେନେ ଟାଙ୍ଗର୍ ଖାଇଆକ୍ ଭୂଇଁକେ ଦେନେ ଭୂଇଁ ଖାଇଆକ୍ । ଦେଇଁ ବଲି ହେଟୁଁ ଶାଗ୍‌ଲାରେ ଦେଲି । ତାଙ୍କର୍ ସାତ୍ ଭାଇ ଯାକ ବିଚାର୍ କଲାଇଁ । ନନୀଟାର୍ ରକତ୍ ତା ବଢ଼େ ମହୁର ଲାଗସି । ତାର୍ ମାଇଁସ୍‌ଟା ବଢ଼େ ମହୁର ହିଥିଆକ୍ । ତାକଇ କେମତ୍ କନେ ଖାବା । ପରେ ସବୁଠାଣୁଁ ବଡ଼୍ ଭାଇକ ବଲା । ଆମେଁ ଝାଲ୍‌କଇ ଭୁଜି କରି ଯିଆ ବଲି ନନୀକଇ କହିବା ।



ଭାତ ଖାବା କଇ ସିଆଳି ପତର୍ ତଳିବେ ବଲିବା । ସିଆଳି ଲହକେ ଉଠିନେ ବାନ୍ଧି ଦେବା ଆର୍ ମାରିକରି ତାର୍ ମାଇଁସ୍ ଖାବା । ତା ପରେ ବଡ଼୍ ଛଅ ଭାଇ କହିନାଇଁ ଚାଲ୍ ନନୀ ଆଜି ଝାଲ୍‌କଇ ସବିଏଁ ଯିଆ । ଭୁଜିକରିବା । ଟକିଟା ବଲା ଟୁରା ଯେ । ତା’ ପରେ ବଡ଼ ଭାଇମାନେ କହିନାଇଁ ଟୁରା ହଁ ଯିଆକ୍ । ନାଁ ଗନେ ପିଟି ପିଟି ନେମା । ଟୁରା ସବୁ କଥା ଶୁଣି କରି ଜାଣିଲା ଯେ ନନୀକଇ ମାର୍‌ମାଇଁ ଆର୍ ଖାମାଇଁ । ହେଟୁଁ ଡେକଚି, କରାଇ, ଚେଉଟ ସବୁ ଧେରି କରି ଗନାଇଁ । ଗୁଟେ ଗଛ୍ ମୂଳେ ଚୁଲି ବନାଇଁ କରି ଡେକ୍‌ଚି ବସାଲାଇଁ । ପାଣି ବଲ୍‌କିଲାବଳେ ଚାଉଲ୍ ଝମ୍ପଲାଇଁ । ଭାତ୍ ହେଲା ବଳେ ନନୀ ପତର ତଳି ଯିଆ ବନାଇଁ । ସିଆଳି ପତର୍ ତଳିବା ବଲି ସିଆଳି ଲହରେ ଭାଇମାନେ ଉଠିନାଇଁ ଯେ ଉଠି ନାଁ ପାର୍‌ଲାଇ । ମୁଇଁ ହେଲା ଉଠି ପାରବି କି । ତା’ର ଭାଇମାନେ କହିଲାଇଁ ଯେ ଯା’ ଉଠ୍ । ଆମେଁ ତା ନାଁ ପାର୍‌ନୁଁ । ହେଠୁଁ ଟକିଟା ଗଛ୍‌କେ ଉଠିଲା । ପତର୍ ତଳି ଦେଲା ଯେ ତଳି ଦେଲା । ଆର୍ ମଝା ଡାହିରେ ବସିଲା । ବଡ଼ ଭାଇ ଗୀତ୍ ଗାଲା –

“ଗଲା ଗଲାରେ ନନୀ ତର୍ ପଳସର କାଣ୍ଡ୍”

ଭଣୀ – ଆସୁ ଆସୁରେ ଦିଦା ତର୍ ପଳସର କାଣ୍ଡ୍

ବୁକେ ବାଜୁ ସର୍ଗେ ଉଡୁ ତର୍ ପଳସର କାଣ୍ଡ୍ ।



ଏମନ୍ତ୍ କରି ଛଅ ଭାଇ ଯାକ ବିନ୍ଧି ସାର୍‌ଲାଇଁ । ପଛ୍‌ରେ ସାନ୍ ଭାଇ ଟୁରାକେ ବିନ୍ଧା କରାଲାଇଁ ।  ତା' ପରେ ଟୁରାର୍ କାଣ୍ଡ୍‌ଟା ଠିକ୍ ବୁକେ ବୁକେ ବାଜିଲା । ଭଣୀକ ତଳେ ପଳି କରି ମରିଗଲା । ହେଟୁ ଆଣି କରି କଟା ବଛା କରି ରାନ୍ଧି ନାଇଁ । ତାଙ୍କର ସାନ୍ ଭାଇ ଟୁରାକେ ପୁଷ୍ଟା ଧୁଆ କରା ନାଇଁ । ସିଏ ନାଳକଇ ନେଲା । ନାଳରେ କଙ୍କଲା ଆଉ ମାସ୍ ଧରିଲା । କହିଲା ଯେ ହେଉ ମୁଇଁ କଙ୍କଲା ଆଉ ମାସ୍ ପୁଳଇଁ । ଭାଇଗା ମାଇଁସ୍ ଖାନେ ମୁଇଁ ମାସ୍ ଖାବି । ହାଡ୍ ଚାବିନେ ମୁଇଁ କଙ୍କଲା ଖାବି ବୋଲି ଟୁରା ବଲା । ସିମିତି ଖାଲା । ମାଇଁସ୍‌ଗା ଲୁଗା ଢମ୍ପାଇ କରି ତୁନ୍ କରି ରଖିଲା । ଖାଇଖୁଆ ସାରନାଇଁ ପସେ ଟୁରା ବଲା ମୁଇଁ ହଗିଯାଏଁ ବଢ଼େ ଲାଗସି । ତୁନ୍ ତୁନ୍ ଲୁଗା ଢମ୍ପାଇ କରି ତାର୍ ନାନୀର ମାଇଁସ୍‌ଲା ଭଇଲା । ଆଉ ବାଟ୍‌ରେ ଗୁଟେ ବେଣୁଆଁ ଥିଲା । ସିଇ ବେଣୁଆଁ ନାଖିଟା ଭାଙ୍ଗିକରି ବେଣୁଆଁ ଭିତ୍‌ରେ ରଖିଦେଲା । ଆଉ କହିଲା ଯେ କାଲ୍‌କି ଆସି ଦେଖିବି ବଳେ ଠୁଙ୍କୁରା ହିଇଥିବେ । ଆର୍ ଦିନ୍‌କି ଆସିଲା ବଳେ ଦେଖିଲା ଯେ ଠୁଙ୍କୁରା ହି ଥିଲା । ତା ଆର ଦିନ୍‌କି ଆସି ଦେଖିଲା ଯେ ଗଛ୍ ହି ଥିଲା । ଆର୍ ଦିନ୍‌କି ଆସି ଦେଖିଲା ଯେ ଡାହି ମେଲି ଥିଲା ଆଉ ପତର୍ ହି ଥିଲା । ଆର ଦିନ୍ କଳ ହି ଥିବେ ବଲା । କଳ ହି ଥିଲା । ଆର ଦିନ୍‌କି ଆସ୍ ବି ଯେ ଫୁଲ ଫୁଟିଥିବେ ବଲା ।



ଫୁଲ ତଳିବା କଇ ଗଲାବଳେ ଫୁଲ୍ ଗସ୍‌ଟା ଗୀତ୍ ଗାଲା –

ପତ୍ର ନ ତୋଳିବ ଟୁରା ଡାହି ନ ଭାଙ୍ଗିବ,
ଡାହି ଭାଙ୍ଗିଗଲେ ଟୁରା ବାହା ସିଡି ଯିବ ।
ପତ୍ର ତୋଳି ଦେଲେ ଟୁରା କାନ ସିଡିଯିବ,
ଭଲ କରି ତୋଳି ଟୁରା କାନ ଭରି ପିନ୍ଧ
ମୋ କଲରାଏ ଫୁଲ

ଇମିତି ଟୁରା ଯେତେ ଫୁଲ୍ ତଳିଲା ସେତ୍ଢ଼େ ଗୀତ୍ ସି ଗସ୍‌ଟା ଗାଲା । ଟୁରା ଗସର୍ ଗୀତ୍ ଶୁଣି ଡାହି ନା ଭାଙ୍ଗିନେ ଆର୍ ପତର୍ ନାଁ ତଳିନେ । ଖାଲି ଫୁଲ୍ ତଳଇ ଆର୍ ପିନ୍ଧି କରି ଘର୍‌କି ପଳାଇ । ଯାଇବଳେ, ତାର ବଡ୍ ଭାଇମାନେ ଏଡେ ଏଡେ ସୁନ୍ଦର୍ ଫୁଲ୍ କେଠୁଁ ଆଣିଲେ ବଲି ପଚାରନ୍ତି । ରଜାର ବାଳିରୁ ତଳି ଆଣି ସସି ବଲି ତାକେ ଲାଗ୍‌ନାଏଁ । ସିଏ ବଲା ଯେ ନାଲ୍ ଖଣ୍ଡରେ ଫୁଲ୍ ଗସ୍‌ଟାଇ ଆସି ସିଠାଣୁଁ ମୁଇଁ ଆଣିସଇଁ । ଟୁରା ତାର୍ ବଡ୍ ଭାଇମାନ୍‌କଇ ଧେରି ନେଲା ଫୁଲ ଗସ୍‌କଇ ସବିଏଁ ଗଲାଏଁ । ଆଉ ଦେଖିଲାଇଁ ଟୁରା ଆଗେ ଫୁଲ୍ ତଳିଲା । ଆର ଭାଇଳା ଫୁଲ୍ ତଳିଲା । ଆର ଭାଇଳା ଫୁଲ୍ ତଳିଲେ ବଳେ ଗସଟା ଗୀତ୍ ଗାଲା–

କହିଲା ଯେ ହେଉ ମୁଇଁ କଙ୍କଳା ଆଉ ମାସ୍ ପୁଳଇଁ । ଭାଇଗା ମାଇଁସ୍ ଖାନେ ମୁଇଁ ମାସ୍ ଖାବି । ହାଡ୍ ଚାବିନେ ମୁଇଁ କଙ୍କଳା ଖାବି ବୋଲି ଟୁରା ବଲା । ସିମିତି ଖାଲା । ମାଇଁସ୍‌ଳା ଲୁଗା ତମ୍ପାଇ କରି ତୁନ୍ କରି ରଖିଲଆଉ ଦେଖିଲାଇଁ

ଟୁରା ଆଗେ ଫୁଲ୍ ତଳିଲା । ଆର ଭାଇଳା ଫୁଲ୍ ତଳିଲେ ବଳେ ଗସ୍‌ଟା ଗୀତ୍ ଗାଲା –

ପତ୍ର ନ ତୋଳିବ ଭଗାରି ଡାହି ନ ଭାଙ୍ଗିବ,
ଡାହି ଭାଙ୍ଗିଗଲେ ଭଗାରି ବାହା ସିଡି ଯିବ ।
ପତ୍ର ତୋଳିଲେ ଭଗାରି କାନ ସିଡିଯିବ ।



ସବୁ ବଡ୍ ଭାଇଲାକଇ ଗସ୍ଟା ଗୀତ୍ ଗାଲା । ସବୁ ଭାଇର ଫୁଲ୍‌ଗା ମରିଗଲା । ହେନେ ଟୁରାର୍ ଫୁଲ୍ ନାଁ ମଲା । ଟୁରାକେ ଆର ଭାଇଲା ଲାଗିନାଇଁ । ଆମର୍ ଫୁଲ୍‌ଲା ବଳେ ମଲା ତର୍ ଫୁଲ୍‌ଗା ବଳେ ନାଁମରି । ଟୁରା କହିଲା ଯେ ମର୍ ଭଣୀର୍ ମାଇଁସ୍ ଖାଲ ବଳେ ତମର୍ ଫୁଲ୍ ମଲା । ମର୍ ଫୁଲ୍ ନାଁମରି । ମୁଇଁତା ନାଁ ଖାଇ ବଳେ ନାଁମରି । ଆର ଭାଇଲା ଟୁରାକଇ ରାଗ୍‌ନାଇଁ ଆର୍ ଘର୍‌କଇ ପଳ୍‌ନାଇଁ ।

ପଛ୍‌ରେ ଗୁଟେ ଘଳାବାଲା, ଘଳାରେ ସି ବାଟେ ଆସ୍‌ଲା । ଦେଖିଲା ଯେ ଗସ୍ଟାରେ ନିକ ନିକ ଫୁଲ୍ ଫୁଟିଛି । ଲଭାଲା ଫୁଲ୍ ତଳିଆ ଲାଗି । ଘଳାରୁ ଅଦ୍‌ରିଲା । ଫୁଲ ତଳିଆ ଲାଗି ଗଲାବଳେ ଗସ୍ଟା ଗୀତ୍ ଗାଲା –

ପତ୍ର ନ ତୋଳିବ ବାପା ଡାହି ନ ଭାଙ୍ଗିବ
ଡାହି ଭାଙ୍ଗିଗଲେ ବାପା ବାହା ସିଡି ଯିବ ।
ପତର ତୋଳିଲେ ବାପା କାନ ସିଡି ଯିବ
ଭଲ କରି ତୋଳ ବାପା କାନ ଭରି ପିନ୍ଧ ।
ମୋ କଲରାଏ ଫୁଲ ।



ଘଳବାଲା କହିଲା ଯେ ଏଠି କିଏ ଆସିଯେ ଗୀନ୍ତ୍ ଗାଇଁଲା । ସି ବୁଢ଼ା ଗସ୍‌ଟାକଇ ଘଂସି ଦେଲା ।  ସିଠାଣୁଁ ସୁନ୍ଦରୀ ଟକିଟାଇ ବାହାରି ଆଇଲା । ସିଏ ଘଳାରେ ବସାଇ କରି ନେଲା ।

ତା'ର ଟୁରା ଭାଇ ଆସିକରି ଦେଖିଲା ଯେ ଫୁଲ୍ ଗସ୍ ନାଇଁନେ । ଭଣୀ ତାର ଫୁଲ୍ ଗୁଟେ ଗୁଟେ  ପକାଇ ପକାଇ ଯାଇଥିଲା । ସିଇ ଫୁଲ୍‌ଲାକଇ ଦେଖି ଦେଖି ଟୁରା ଗଲା । ବୁଢ଼ା ତାର ଭଣୀକେ ଲକାଇ ଦି ଥିଲା । ଟୁରା ବୁଢ଼ାକେ ବଲା । ମୋର୍ ଫୁଲ ଗସ୍‌କେ ଘଂସି କରି ଆଣିସସ୍ । ସିଏ ବଲା ମୁଇଁ ନାଁ ଆଣି । ପସେ ଆଣିସଇଁ ବଲା । ହେଠୁଁ ଭଣୀ ସାଙ୍ଗେ ଦେଖା ଚାହାଁ କରିଦେଲା । ଟୁରା କେ ଭଲ୍ ତୁଣ୍, ଭଲ ଭାତ୍ ଖାବା କଇ ଦେଲା । ନୂଆ ଅଙ୍ଗା, ପେଣ୍ଟୁ ପିନ୍ଧାଇ କରି ପଠ୍‌ଲା ।

ଘର୍ କଇ ଗଲାବଳେ ବଡ୍ ଭାଇଲା ତୁଇଁ କାରଠୁଁ ଅଙ୍ଗା, ପେଣ୍ଟୁ ଚୁରାଇ ଆଣିସସି ବଲି କହିନାଇଁ । ଆର୍ ତାକେ ଲାଗିଲାଇଁ ବଳେ ସିଏ ବୁଢ଼ାର ଘର୍‌କେ ଧେରି ନେଲା । ତାଙ୍କେ ଗାଇ ଗୁହାଲ୍‌କେ ବସିଆକଇ ଦେଲା । ଟୁରା ଘର୍ ଭିତ୍‌ରେ ବସିଲା । ତାହାକେ ପାଣି ଭାତ ଖାଲାଇ । ଟୁରା ଗାଳିଲା ଭାତ୍ ଖାଲା । ଖାଇ ସାରିନାଇଁ ଆର୍ ତା ଛଅ ଭାଇକଇ ଛିଡା କତୁରା ଲୁଗା ଦେଲା । ଟୁରା ଭଲ୍ ଅଙ୍ଗା, ପେଣ୍ଟୁ ପିନ୍ଧଲା । ଆରଳା ଟୁରାକେ କହିନାଇଁ ତକେ ବଳେ ଭଲ୍ ଅଙ୍ଗା, ପେଣ୍ଟୁ, ଭାତ୍, ତୁଣ୍ । ଆମ୍‌କଇ ଖାଲି ଗବର ଡଙ୍କାରେ ଭାତ୍ ଦେଲା । ସେଠୁଁ ଟୁରା ବଲା ଯେ ତମେ ଭଣୀର୍ ମାଇଁସ୍ ଖାଲ । ହି ଦେଖି ତମକଇ ଭଗାରି ହିସାବ୍‌ରେ ଦେଲା । 'ଇଟା' ଆମର୍ ଭଣୀଟା ତାକେ ମୁଇଁ ହାଡ଼ଲାକ ଏକାଠି କରି ବଂଚାଇ ସଇଁ । ସବୁ ଭାଇଲା ଲଜାଇ କରି ପଳାନାଇଁ । ବୁଢ଼ା ଟୁରା ଆର୍ ତାର୍ ଭଣୀକଇ ପୁଅ ଝିଇ କରି ରଖିଲା । ତିନିହେଁ ଆରାମ୍‌ରେ ଘରେ ରହିନାଇଁ ।

# ଶାଆଲା ସୁନ୍ଦ୍ରୀ



ଏକ୍ ଥିଲା ସାଦ୍ବ ବୁଢ଼ା । ତାର ସାତ୍‌ଟା ପୁଅ । ସବୁଠାଣୁ ସାନ୍‌ଟ ବଢ଼େ ଅଳସୁଆ । ସାଦ୍ବ ବୁଢ଼ା ଛଅ ଭାଇକି ବାହା କରି ଦେଲା । ସାନ୍‌ଟାକଇ କେହି କନିଆଁ ନାଁ ଦେଲାଇ ବଳେ ଛଅ ଭାଇ ତାହାକଇ ତୁଇଁ ଛେଳିଗା ଚରା ବଲି କହିଲାଇଁ । ଟକାଟା ଦିନ୍ ବଣ୍‌କଇ ଛେଲି୍ ଚରାଇ ନେଇଁ । ବଣ୍‌ରେ ଗୁଟେ ବଡ଼ ଶର୍‌ଗି ଗଛ୍/ଶାଲ୍‌ଗଛ୍ ଥିଲା । ସି ଶାଲ୍ ଗଛ୍ ପାଖ୍‌ରେ ଛେଲି୍ ମାନ୍‌ଙ୍କର ଗଦାକରି ଗଠାଣି କରଇ । ସବୁଦିନ୍ ଛେଲି୍ ଗଠାଣି କରଇ ଜାଗାଟା ସଫା ହି ଥାଇ । ଦିନେ ଛେଲିଅ ଟୁକା ଭାବିଲା କିଏ ଛେଲି୍ ନେଣ୍ଡିଗାକଇ ସଫାକରି ଦିଅଇ । କାଲିକି ଶଳାକୁ ଛାପି କରି ଦେଖିବି । ଆର ଦିନ ଛେଲି୍ ନିଇଁକରି ବଣ୍‌ରେ ଛାଡ଼ିଦେଲା ଆଉ ବୁଦା ତଳେ ଥିର୍ କରି ଛାପିଲା । ଏତେ ପହରା ଦେଖିଲା ଯେ ସି ଶାଲ୍ ଗଛ୍‌ରୁଁ ଝର୍ ମର୍ ହି କରି ଗଟେ କେତେ ନିକ ଟକିଟିଏ ବାହାରିଲା । ଛେଳି ନେଣ୍ଡିନୁଣ୍ଡା ସଫା କରି ଦି କରି ଆଉ ଥରେ କଛ ଭିତରେ ଢୁକିଲା । ଛେଳିଆ ଟୁକା ଭାବିଲା ମୁଇଁ ଇ ଟକିଟାକଇ କେମନ୍ତ୍ କନେ କହ୍ନିଆଁ ନେନ୍ତି । ଯାହା ହେନେ ହିଁ ମୁଇଁ ଘରେ ପାଇକରି ଇ କଥାଟା କହିବି । ଛେଲି୍ ମାନ୍‌କଇ ଘର୍‌କଇ ଖେଦି ଆଣିଲା । ଗଲା ଯେ ଖଟ୍ ପଲଙ୍କ୍‌ରେ ଢ଼ମ୍ପାଇ ହି ଶଇଲା । ତାର ବଡ଼ ଭାଇର ବହୁକ ଯାଇ କରି କହିଲା, ଆଇ ଭାତ୍ ଖା । ଛେଳିଆ ଟୁକା କହିଲା ମୁଇଁ ଭାତ୍ ନାଁ ଖାଇଁ । ମୁଇଁ ଗୁଟେ ଜିନିଷ ଦେଖିଛଇଁ, ସିଟା ଆଣିଦେବ ହେନେ ଭାତ୍ ଖାବି । ବହୁକ କିସ୍ ଜିନିଷଟା ଭାବି କରି ପଳଲା । ତରା୍ଠାଣୁଁ ସାନ୍ ଯା କର୍‌କଇ ପଠାଲା । ତାହା କଇ ହିଁ ଛେଳିଆ ଟୁକା ସିମେନ୍ତି କହିଲା । ସବିଏ ଯାଇକରି ଉଠ୍‌ଲାଇ । ସବ୍‌କି ସି ଏକା କଥା କିହଲା । ନିଖାଲ୍ ପଛେ ସବିଏ ଯାଇକରି ବଲାଇ ।



ଇଲାଗ୍ କହ କିସ୍ ଜିନିଷଟା ଦେଖିଛ ଯେ ଯାଇକରି ତମର ଭାଇଗା କଇ କହିମୁଁ । ଛେଲିଆ ଟୁକା ବଲା, ମକଇ ସି ଶାଲ୍ ଗଛ୍‌ଟାକଇ ବାହା କରି ଦେବ ହେନେ ମୁଇଁ ଭାତ୍ ଖାବି । ବଡ ମାନ୍‌କ ସବିଏ ହଁସିଲାଇ । କହିଲାଇ ତର୍‌କୁଟିଏ ଲାଜ୍ ନାହିଁ । ହିଁ ଗଛ୍‌ଟାକଇ ବାହା ହେବେ । ତେବେ ହିଁ ଛେଲିଆ ଟୁକା ଏକା ଜିଦ୍ କଲା ବଲେ, ହଁ ହଁ ତକଇ ଆଣି ଦେମୁଁ ନେ ଭାତ୍ ଖା ବଲି କହିଲାଇ । ଛେଲିଆ ଟୁକା ଭାତ୍ ଖାଲା । ଆରଦିନ  ସବିଏ ଢ଼ୋଲ ଟମ୍‌କ, ଯୁଡି ମହୁରି, ବାର ରସୁଣୀ ସବୁ ନିଇଁକରି ବଣ୍‌ରେ ପହଁଞ୍ଚିଲାଇ । ଛେଲିଆ ଟକାକି ଶାଲ୍ ଗଛ୍ ପାସ୍‌କେ ଠିଆ କଲାଇ । ବାଜା ବଜଇ କରିଶଙ୍ଖ ହୁଲ୍‌ହୁଲି ଦିକରି ବାହାଗର୍ କରି ଦେଲାଇ । ଛେଲିଆ ଟୁକା କହିଲା ମୂଳରେ କାଟିକରି ମୁଇଁ ଯେତେ ଢ଼େଙ୍କା ସେତ୍‌କିରେ ତାର୍ ଅଗାଟା କାଟି ପକାଇ ଦେଅ । ପଛେ ସି ଶାଲ୍ ଗଣ୍ଡିଟାକଇ ଟେକି ଆଣି କରି ଘର୍ କନ୍‌କେ ଢ଼େରି କରି ରଖି ଦେନାଇଁ । ବାହାଗର୍ ସଲା । ଆରଦିନ ସକାଳେ ସବିଏଁ ବେଗି ନାଁ ଉଠିନେ । ଉଠିବାରେ କୁଟିଏ ସବୁରି ଡେରି ହେଲା । ଉଠିକରି ଦେଖିଲାଇ ଯେ ଘର୍, ଦୁଆର୍, ପଣ୍ଡାଲ୍, ଅଇତଲ୍ ବଡ଼ାହିଛି । ଭାତ୍ ତୁଣ୍ ହିଁ ରନ୍ଧାହିଛି । ଘରେ ପାଣି କାଞ୍ଜି ପୁରିଛି । ସବିଏ ଟେଟ୍‌କା ହେନାଇଁ । ଛଅ ଯାଆ ଯାକ ପଚ୍‌ରା ପଚ୍‌ରି ହେଲାଇ । ତୁଇଁ ଭାତ୍ ତୁଣ୍ ରାନ୍ଧିଲେ କି ସିଏ ବଲା ତୁଇଁ ପିଣ୍ଡାଲା ଲିପ୍‌ଲେକି, ମୁଇଁତା ତୁଲା ଥିଲି । ପଛ୍‌ରେ ଜାଣିଲାଇ ଯେ କିଏ ଝଣେ ଏ ସବୁ କାମ୍ କରିଛି । ଛାପି କରି ଦେଖିବା ବଲି କଥା ହେଲାଇ । ଦିନେ ରାତି୍‌ରେ ଛଅ ଯାଆ ଯାକ ପାହାନ୍ତା ପହରୁ ଉଠିକରି ସବିଏ ଚେତା ଥାନ୍ତି । ସେତେ ପରରା ଶାଲ୍ ଗଣ୍ଡି ଭିତ୍‌ରୁ ଝଣେ ଟକି ବାହାରି କରି ଘର୍‌ଦୁଆର ବଡ଼ାଛି, ଲିପଛି, ଝଣ୍ଟି ଦେଛି । ସେତେ ପହରା ଯାଣି ଖଣି ତାହାକଇ ଧେରି ପକ୍‌ଲାଇ । କନ୍‌କେ ଡେରା ହି ଥିଲା ଶାଲ୍ ଗଣ୍ଡିଟା ପକାଇ ଦେଲାଇ ଇ ଟକିଟାନେ ସବୁ କାମ୍ କରଇ, ଛେଲିଆ ଟକାକି ହଁସ ଥିଲାଇ ।



ଏଠି ଗୁଟେ ହେଡ଼େ ନିକ ଟକିଟିଏ ଲୁକି କରି ଆଛି ବଲି ନାଁ ଜାଣିଥିଲାଇ । ଶାଲ୍ ଗଛ୍‌ରୁ ବାହାରଇ ଆଉ ହେଡ଼େ ସୁନ୍ଦରୀ ବଲି ତାହାକଇ ସବିଏ "ଶାଆଲା ସୁନ୍ଦରୀ" ବଲି କହିଲାଇ । ଏଇ କଥାଟା ରଜାର୍ କାନ୍‌କି ଗଲା । ରଜା ଜାଣିଲା ଯେ ସାଦ୍‌ବର ସାନ୍ ପୁଅକ ଶାଲ୍‌ଗଛ୍‌ରୁଁ ଗୁଟେ ଅତି ସୁନ୍ଦର୍ ଝିଅଟେ ପାଇଛି । ମନେ ମନେ ରଜା ଭାବିଲା କେମନ୍ତ୍ ବିଚାର୍ କନେ ଶାଆଲା ସୁନ୍ଦରୀକି ମୁଇଁ ପାଇତି । ସେଠାଣୁ ରଜା ଜୁଳି ପାଇକ ମାନ୍‌କଇ କହିଲା ଯାଅ ସାଦ୍‌ବ ବୁଢ଼ାର ପଙ୍ଗରୀର୍ ପାଣିଗା ଗୁଳିଆ କରିଦେଅ । ତାର୍ କୁହୁଗାରେ ଖତ୍ ପକାଇ ଦେଅ, ପାଣି ମଳିହା ହେଇଯାଉ । ଦେଖିବା ସାଦ୍‌ବ ବୁଢ଼ାର୍ ବଉ ମାନ୍‌କ ନଦୀକଇ ଗାଧିଯାନ୍ତି କି ନାଇଁ । ନଦୀ୍‌କି ଗାଧିଗନେଁ ମୁଇଁ ଶାଆଲା ସୁନ୍ଦରୀକଇ ଭଇ ପଳାବି । ସାଦ୍‌ବ ବୁଢ଼ାର ବଉମାନ୍‌କ ଦେଖିଲାଇ ଯେ ତାଙ୍କର କୁହୁର୍ ପାଣି, ପଙ୍ଗାରୀ ପାଣ୍ ସବୁ ମଳିହା ହିଛି । କେଠି ଗାଧିବା ବଲି ଭାବିଲାଇ । ପଛେ କେଣସି ବାଟ୍ ନାଁ ପାଇକରି ଚାଲ ନାଁ ହେନେ ନଦୀ୍‌କି ଯିଆ ବଲାଇ । ସାଦ୍‌ବର ପୁଅମାନଙ୍କ ଯେ ବେପାର ବଣିଜ୍ କରିଆକଇ ବିଦେଶ୍ ଗଲାଇ । ହଳଦୀ ବାଟିଲାଇ ହାର୍ ନଦୀ୍‌କି ଗାଧି ଗଲାଇ । ଗାଧଥିଲାଇ ବଳେ ସାନ୍‌ଟାର୍ ଗୁଟେ ଚୁଟି ଉଠିଗଲା । ସିଏ ଭାବିଲା ଇଟା ପାଣିରେ ଦେନେତା ମାଛ୍ ବେଙ୍ଗ୍ ଖାବାଇ । ଆଉ ମରିବାଇ । ହେତ୍‌କି ବଳେ ଗୁଟେ ଡୁମ୍ରି ଫଳ୍ ଭାସି ଆସଥିଲା । ଭାବିଲା ଇ ଫଳ୍‌ଟା ଭିତ୍‌ରେ ଦି ଦେବି ଯେ କେହି ନାଁ ମରନ୍ତି ।



ହଠୁଁ ଫଲ୍‌ଟା ଧେରି କରି ଭିତ୍‌ରେ ପୁରାଇ ଦେଲା ଆର୍ ତଳକଇ ଭସାଇ ଦେଲା । ତଲ୍ ଘାଟ୍‌ରେ ରଜା ଗାଧଥିଲା । ଫଲ୍‌ଟା ରଜା ପାସ୍‌ରେ ଯାଇକରି ପହଞ୍ଚିଲା । ରଜା ଫଲ୍‌ଟା କଇ ଖାବି ବଲି ଭାବିଲା । ଦେଖିଲା ଯେ ଫଲ୍ ଭିତ୍‌ରେ ଗୁଟେ ନମା ଚୁଟିଟାଇ ଆଛି । ରଜା ଭାବିଲାଇ ଉମ୍ପର୍ ଘାଟ୍‌ରେ ସୁନ୍ଦରୀ ଟକିଟାଇ ଗାଧଥିଆକ୍ । ସିଠାଣୁଁ ଜୁଳି ପାଇକମାନ୍‌କଇ ଆଦେଶ ଦେଲାଇ, ଯାଅ ଉମ୍ପର୍ ଘାଟ୍‌ରେ କିଏ ଗାଧଛି ଦେଖିବ । ଜୁଳି ପାଇମାନେ ଯାଇକରି ଦେଖିଲାଇ ଯେ ଝଣେ ଅତି ସୁନ୍ଦରୀ ଟକିଟାଇ ଗାଧଛି । ରଜାକୁ ଆସି ସବୁକଥା କହିଲାଇ । ରଜା ଯାଇକରି ଆଗିଲାବାଟେ ବାଟ୍ ଛେଙ୍କିଲା । ଆରଳା ଘରକଇ ପଳାଇ ଥିଲାଇନେ । ସିଏ ତା ପଛ୍‌କଇ ଥିଲା । ହିଁ ବଳେ ରଜା ତାକଇ ବାଟ୍ ଛେଙ୍କିକରି ବଲା–

ତୁମକୁ ବଲିବି ସୁନ୍ଦରୀ ବଲେ ଶୁଣନ୍ତି

ଘାଟ ଦାନ ମୋର ଦିଅ ଗୋ ବଲେ ଶୁଣନ୍ତି

ଶାଆଳା ସୁନ୍ଦରୀ – ଘାଟଦାନ ତର କ'ଣ ଦେବି

ମୁଣ୍ଡର ଗରାକୁ ନେଇ ଯା

ରାଜା– ମୁଣ୍ଡର ଗରା କ'ଣ କରିବି

ମୋ ଠି ଅଛି ଅଧିକା



ଶାଆଳା ସୁନ୍ଦରୀ- ଘାଟ୍ ଦାନ ତର କ'ଣ ଦେବି

ପାଦର ପାଝାଲି ନେଇ ଯା

ରାଜା- ପାଦର ପାଝାଲି କ'ଣ କରିବି ମୋଠି ଅଛି ଅଧିକା ।

ଶାଆଳା ସୁନ୍ଦରୀ ପାସ୍‌ରେ ଯେତେ ଯାହା ଥିଲା, ସବୁଲାକଇ ନିଁ ଯାଆ ବଲି କରି ରଜାକଇ କହିଲା । ରଜା ଯେ ଯାହା କହିନେ ହିଁ ମୋର୍ ଏଠାଣୁ ଜବର୍ ଆଛି ବଲି କହଇ । ଶେଷରେ ଶାଆଳା ସୁନ୍ଦରୀ କହିଲା – ଘାଟ ଦାନ ତୋର କ'ଣ ଦେବି, ହାତୀରେ ବସାଇ ନେଇ ଯାଆ । ସେଠାଣୁ ରଜା ଶାଆଳା ସୁନ୍ଦରୀକି ହାତୀରେ ବସାଇ କରି ଉଆସ୍ କଇ ନିଁ ଗଲା । ଦିନେ ଭାଇଲା ଘରକଇ ଆସିଲାଇ ବଳେ ସାଦ୍‌ବ ବୁଢ଼ାର ବଉମାନେ ବଇତ୍ ବନ୍ଦାଣ କରି ପାଛୁଟି ଆଣିଆକଇ ଗଲାଇ । ଏତିକି ବଳେ ସାନ୍ ଟକାଟା ଦେଖିଲା ଯେ ତା'ର ଭରଯାକ ସେଠି ନାହିଁନେ । ସିଏ ଭାବିଲା ଶଆଳା ସୁନ୍ଦରୀ କିସ୍‌କଇ ନାଁ ଆସି । ଘର୍‌କଇ ଆସି କରି ଦେଖିଲା ଯେ, ଘରେ ନାହିଁ । ହିଁଠୁ ତା'ର ବଉମାନକଇ ପଚାରିଲା । ଆର୍ ଜାଣିଲା ଯେ ତାର କନିଆଁକଇ ରଜା ନିଁ ଯାଇଛି । ହେଠୁଁ ସିଏ ବଢ଼େ ଦୁଃଖ କଲା ଶାଆଳା ସୁନ୍ଦରୀ ପିନ୍ଧଥିଲା ଲୁଗାଲା କନ୍ଥିଲି ଟିମ୍ପାଲା । ଖା ଥିଲା ବେଲା ଖଣ୍ଡକେ ଯେ ଠେଙ୍ଗଣି ପିଟାଲା । ଆଉ ଗୁଟେ ସାରିଙ୍ଗି ବନାଇ କରି ଭିକ୍ ମାଙ୍ଗି ମାଙ୍ଗି ଶାଆଳୀ ସୁନ୍ଦରୀ କି ଖଜିଗଲା ।



ଯାହାର ଦୁଆରକଇ ଯାଇ ସେଠି ଗାଆଁଇ –

ପିନ୍ଧଥିଲା ଲୁଗାଖଣ୍ଡ କନ୍ଥିଲି ଟିମ୍ପାଲି

ଖା ଥିଲା ବେଲା ଖଣ୍ଡ ଠେଙ୍ଗଣି ପିଟାଲି

ଶାଆଳା ସୁନ୍ଦରୀ ଲାଗି ଯୁଗୀ ବେଶ ହେଲି ।

ଏମିତି ବୁଲି ବୁଲି ଯାଇ କରି ରଜାର୍ ଉଆସ୍‌ରେ ପହଁଞ୍ଚିଲା । ସେଠି ବି ସିମିନ୍ତି ଗୀତ୍ ଗାଇଲା ଆଉ ସାରଙ୍ଗି ବଜାଲା । ରଜା ତା'ର ଦାସ ଦାସୀଲାକଇ ପଠ୍‌ଲା ଭିକ୍ ଦେବା କଇ । ଟକାଟା ବଲା ନାଇଁ ତମର୍ ରଜା ପରାଇ ନୂଆଁ କନିଆଁ ଆଣିଛନ୍ତି । ସିଏ ଭିକ୍ ଦେନେ ଯାଇ ମୁଇଁ ଏଠାଣୁଁ ଯିବି । ରଜା ଶୁଣି କରି ବଲା କିଏ ସି ଭିକାରୀ ତାର ହେଡ଼େ ସାହାସ୍ । ମୋର୍ ପାଟ୍‌ରାଣୀ କଇ ଦେଖିବି ବଲି କହଛି, ତାର୍ ହାତ୍‌ରୁ ଭିକ୍ ନେଁମି ବଲି କହଛି । ତାହାକଇ ହାକ ସିଏ ଏଠାଣୁ ବେଗି ପଳାଉ । ଦାସ୍‌ଦାସୀଗା ଯେତେ ଧମ୍‌କାଲାଇ, ଟକାଟା ନାଁ ମାନିଲା । ଝରକାରେ ହେନେ କଟିଏ ଦେଖାଇ ଦେଅ । ଶେଷରେ ଝର୍‌କା ବାଟେ ତାହା କଇ  ଦେଖିଲା ହେଲା ଇଟାତା ଶାଆଳା ସୁନ୍ଦରୀ ବଲି ଚିହ୍ନି ପାରିଲା । ସିଠାଣୁଁ ଆଉ ଦୁଃଖ ସହି ପାରିଲା ନାହିଁ, ରଜାର ଦୁଆର୍‌ରେ ମୁର୍ଚ୍ଛା ହୋଇ ପଳିଗଲା । ଭିକାରୀଟା ମରିଗଲା ବଲି କରି ଦାସଦାସୀଗା ରାଜାକଇ କହି  ଦେଲାଇ । ରଜା କହିଲା ଯାଅ ଭିକାରୀ କଇ ଘେଁସରାଇ କରି ପୁଳି ପକାଇ ଦେଅ । ଦାସଦାସୀଗା ପୁଳିଆକଇ ଭିକାରୀକି ନିଁ ଗଲାଇ ।



ଶାଆଳା ସୁନ୍ଦରୀ ରଜାକଇ ଯାଇ କରି କହିଲା । ମୁଇଁ ସବୁପୁଡା ଦେଖିଛଇଁ, ହେନେ ଯୁଗୀପୁଡା ନାଁ ଦେଖି । ସି ଦେଖି ଯୁଗୀ ପୁଡା ଦେଖିବି । ଶାଆଳା ସୁନ୍ଦରୀ ଜିଦ୍ କଲାବଳେ ତାହାକଇ ହିଁ ସିଠିକି ନେଲାଇ । ବେଲ୍ କାଠ୍, ଚନ୍ଦନ କାଠ୍ ଆଣିକରି ଯୁଗୀକଇ ପୁଳଥାନ୍ତି । ଏତେ ବେଲ୍‌କଇ ଶାଆଳା ସୁନ୍ଦରୀ କହିଲା ଦେଖରେ ମେଘ୍‌ରେ କିସ୍‌ଟା ଯେ ଉଡି ଉଡି ଯାଛି । ସବିଏ ଉମ୍ପରିକି ଅନାଇଛନ୍ତି ବଳେ ଅପ୍‌ଣାର୍ ଲୋକ୍‌ଟାଟିକି ନିଆଁକି ଢ଼େଗି ଦେଲା । ସିଏ ହିଁ ନିଆଁରେ ପୁଡିଗଲା । ଶାଆଳା ସୁନ୍ଦରୀ ଯେମ୍‌ତି ନିଆଁକି ଢ଼େଗିଛି, ରଜା ହିଁ ନିଆଁକି ଢ଼େଗି କରି ମଲା । ଯେତେ ଲୋକ୍ ଯାଇଥିଲାଇ ସବିଏ କାନ୍ଦି କାନ୍ଦି କହଥାନ୍ତି । ଯୁଗୀ ସାଙ୍ଗେ ଯୁଗିଆଣୀ ଗଲା, ଆମର୍ ରଜା କି ପାଇଁ ମଲା । ହେତ୍‌କି ବଳେ ହଟାସ୍ କେଁବାଟୁ ଗୁଟେ ବାବୁଜି ବାହାରି ପଳିଲା । ଲୋକ୍ ଲାକଇ ବଲା ତମେ କିସ୍ କଇ କାନ୍ଦଛ । ଲୋକ୍‌ଲା ସବୁକଥା ବାବୁଜିଟାକଇ କହି ଦେଲାଇ । ବାବୁଜି କହିଲା ତମେ କିଏ କେଁ ପାଖିକେ ପୁଳିଛି, ଦେଖିଛକି ନାଇଁ । ଲୋକ୍‌ଲା ବଲାଇ ହଇ ଦେଖିଛୁ । ତା ହେନେ ତାଙ୍କର ଖାର୍‌ଲା ଅଲ୍‌ଗା ଅଲ୍‌ଗା କରି ରଖ ବଲା । ଲୋକ୍‌ଲା ଅଲ୍‌ଗା କରି ରଖିଲାଇ । ବାବୁଜିଟା ମନ୍ତର୍ କରି ମାରି ଦେଲା ଗୁଟେ ହତ୍‌ଲା ଯେ ହାଡ଼ ଗଣ୍ଡିଲା ଏକାଠି ଖଞ୍ଜିହି ଗଲା । ଆଉ ଗୁଟେ ହତ୍‌ଲା ମାରି ଦେଲା ଯେ ଶାଆଳା ସୁନ୍ଦରୀ ଆଉ ସି ଟକାଟା ଉଠି ବସିଲାଇ ।



ଲୋକ୍‌ଲା ବଲାଇ ସାଧୁବାବା ଆମର୍ ରଜାକି ହିଁ ଉଠାଇ ଦେଅ । ସିଠାଣୁ ସାଧୁବାବା ଆଉଗୁଟେ ହତ୍‌ଲା ମାରି ଦେଲା ଯେ ରଜା ପୁଳି ଥିଲା ଖାର୍ ଗାଦିରୁଁ କୁକୁରଟାଇ କୁଇଁକଇଁ କରି ବାହାରି ଆସିଲା । ଇମିତି ଦେଖି କରି ସମତେ ଟେଟ୍‌କା ହେଲାଇ । ତାହାକଇ ପଚାରିଲାଇ ଯେ ଏମାନେ ବଳେ ତାଙ୍କର ଆଗେ ଥିଲାଇ ଆଉ ଥରେ ଜନ୍‌ମିଲାଇ ବଳେ ଏକା ରୂପ ପାଇଲାଇ । ହେନେ ଆମର୍ ରଜା କେମନ୍ତ୍ କରି କୁକର ହି କରି ବାହାରିଲା । ଇ କଥାଟା ଆମ୍‌କଇ ବୁଝାଇ ଦେଅ । ଆଉ ତମେ ମହାପୁରୁ କିଏ ଆସିଥିଲ କହି ଦେଅ । ସେଇ ସାଧୁ ବାବୁଜି କହିଲେ ତବେ ଶୁଣ – ମୁଇଁ ହେଛଇଁ ଧର୍ମଦେବ୍‌ତା । ସବୁରିକାମ୍ ମୁଇଁ ଦେଖିଛଇଁ ତମର୍ ରଜା ପର ମାଇପକି ଲଭା ଥିଲା । ଛେଳିଆର୍ ଟକାର୍ କନିଆଁ କଇ ଭଇ ପଳାଇଥିଲା । ଏଟା ବଡ଼େ ପାପ କାମ୍ ଥିଲା । ସି ଦେଖି ସିଏ ଆଉ ଥରେ ଜୀବନ୍ ପାଇକରି ଉଠିଲା ବଳେ କୁକର୍ ରୂପ ଧାରଣ କଲା । ଆଉ ଛେଳିଆ ଟକା ଆଉ ଶାଆଳା ସୁନ୍ଦରୀ ଦିହେଁ ଆପଣା ମାନ୍‌କଇ କେତେ କଷ୍ଟ ସହିକରି ଅଲ୍‌ଗା ହି ଯାଇ ଥିଲାଇ । ଆଉ ଥରେ ଜୀବନ୍ ପାଇଲାବଳେ ଏକାଠି ବଂଚିବାର୍ ଭଗ୍‌ବାନ୍ ଜୁଟାଇ ଦେଲା ।

ଶାଆଳା ସୁନ୍ଦରୀ ବଖାଣୀ ସଲା
ମୋ ଦୋଷ ନ ଧରିବ ହେଲା ।

# ବଡ଼ା ସାପ ଆଉ ସାଦବ କନ୍ୟା



ଏଲ୍ ଥିଲା ସାଦ୍ବ ବୁଢ଼ା । ତାର ସାତ୍‌ଟା ଝିଅ ଥିନାଇଁ । ଦିନେ ସାତ ଝଣ୍ ଯାକ ଟକି ଶାଗ୍ ତଳି ବଣକଇ ଯାଇଥିନାଇଁ । ଶାଗ ତଳାରୁଁ ସଭିଏଁ ଘରକଇ ପଳାଥିନାଇଁ । ସବା ପଛରେ ଝଣେ ଥିଲା । ସେଇ ବଣରେ ଗୁଟେ ବଡ଼ା ସାପ ଥିଲା । ସିଏ ପଛେ ପଛେ ଆସି ପଛର୍ ଟକିଟା କଇ କହିଲା, "ତୁଇଁ ମର୍ ଲାଗି ରହିବେ କି ନାଇଁ" ? ଦେଖ୍ ନାରହିବେ ହେନେ ତକଇ ଢ଼ଙ୍କିବି । ଟକିଟା ବଡ଼ା ସାପର୍ କଥା ଶୁଣି ପଣ୍ଡାଳ ବେଟେ କାନ୍ଦିଲା । ଟକିଟା କାନ୍ଦିଲା ବଳେ ବଡ଼ା ସାପ ଗୀଁତ୍ ଗାଇଁଲା –

ଖାର୍ ଖୁରୁ ପକାବେ କି ପଣ୍ଡାଲ୍ ତଳେ କାନ୍ଦିବେ ଯେ
ଆଣିଦେ ମର୍ ପାଳଙ୍ଗ ଶାଗ ଯା ଯା ତର୍ ବାପ୍ ଘର୍ ।
ଚାଉଲ୍ ଚୁଳା ଝମ୍ପାବେ କି ପଣ୍ଡାଲ୍ ତଳେ କାନ୍ଦିବେ ଯେ
ଆଣି ଦେ ମର୍ ପାଳଙ୍ଗ ଶାଗ ଯା ଯା ତର୍ ବାପ୍ ଘର୍ ।
ଭାତ୍, ଭୁତା ଦେଖିବେ କି ପଣ୍ଡାଲ୍ ତଳେ କାନ୍ଦିବେ ଯେ
ଆଣିଦେ ମର୍ ପାଳଙ୍ଗ ଶାଗ ଯା ଯା ତର୍ ବାପ୍ ଘର୍ ।
ପିଠା ପୁଠୁ କୁଟିବେ କି ପଣ୍ଡାଲ୍ ତଳେ କାନ୍ଦିବେ ଯେ
ଆଣି ଦେ ମର୍ ପାଳଙ୍ଗ ଶାଗ ଯା ଯା ତର ବାପ୍ ଘର୍ ।
ଭାତ ଭୁତା ଭଇବେ କି ପଣ୍ଡାଲ ତଳେ କାନ୍ଦିବେ ଯେ
ଆଣିଦେ ମର୍ ପାଳଙ୍ଗ ଶାଗ ଯା ଯା ତର୍ ବାପ୍ ଘର୍ ।



କେତେଦିନ୍ ଗଲାହାର୍ ଦିନେ ବଡ଼ା ସାପ୍ ବଲା, ଚାଲ୍ ଆମର୍ ଘର୍ କଇ ଯିଆ । ଘରେ କେତେ କୁକୁଳି ମାକୁଳି କିଏ ଖୁଆଲି ଦେଥିଆକ୍ । ଆଇ ତୁଇଁ ମର୍ ପିଠ୍‌କେ ବସ୍ ଯିଆ । ଟକିଟା କହିଲା ନାଇଁ ମୁଇଁ ଚାଲିକରି ଯିବି । ଯିଆ ହେନେ ଶାଳୀ ତର୍‌କଇ ହିଁ ଡାକ୍ ବୁଲିକରି ଆସିଆକ୍ । ବଡ଼ା ଶାଳୀ କର୍‌କଇ ଡାକିଲା । ଶାଳୀକ ତାର ଆଇଲା । ତିନିହେଁ ଯାକ ଚାଲିଲାଇ ବଡ଼ା ସାପର ଘରକଇ । ବଡ଼ାସାପ୍ ଅଧା ବାଟରେ ଶାଳୀକର୍‌କଇ କହିଲା ତୁଇଁ ମର୍‌ଲାଗି ରହିବେ କିନାଇଁ । ନାଇଁ ହେନେ ତକଇ ଢ଼ଙ୍କିବି, ଶାଳୀକ ହିଁ ରହିବି ବୋଲି କହିଲା । ରାତି ହେଲା ଯେମନ୍ତ ଅଧା ବାଟରେ ତିନିଝଣଯାକ ଶଇ ପଳିଲାଇ । ଏତେ ବଳକଇ ବଡ଼ ସାପ ଭାବିଲା ମୁଇଁ ଆଗର୍ ଟାକଇ ଢ଼ଙ୍କି ଦେଇଁ । ଶାଳୀ ମର୍‌କଇ ରଖିବିନେ । ଏଇ ମିନ୍ତି ଭାବିକରି ଭର୍‌ଜା କର୍‌କଇ ଢ଼ଙ୍କିଆକଇ ଆରମ୍ କଲା । ଯେତେ ପର ପାଦଆଡୁଁ ଢ଼ଙ୍କିଆ କଇ ଆରମ୍ କଲ । ତା'ର ଭର୍‌ଜା ଜାଣି ପାରିଲା ତାର ସାନ୍ ଭଣିକର୍‌କଇ କହିଲା–

ପାଦଗିଲୁଁଗିଲୁ ବଡ଼ା ପୁଟିଆ ଗିଳିଲା
ଉଠରେ ପାର୍ବତୀ ନିନି ଘରକୁ ତୁ ପଳା ।
ପୁଟିଆକୁ ଗିଲୁଁଗିଲୁଁ ଆଣ୍ଠୁକି ଗିଳିଲା
କେତେ ନିଦ୍ରା ଯାଉନିନି ଘରକୁ ତୁ ପଳା ।



ବଡ଼ ଭଣିକ ଯେତେ ମିନ୍ତି କହିଲା, ସାନ ଭଣିକ ନା ଉଠିଲା । ଚାଲିଚାଲି ଥକାରେ ଶଇ ପଡ଼ିଥିଲା । ଆଉଥରେ ନାନୀକ କହିଲା –

ଆଣ୍ଟୁ ଗିଲୁ ଗିଲୁ ନିନି ଅଣ୍ଟାକୁ ଗିଳିଲା
ଅଣ୍ଟା ଗିଳିସାରି ନିନି ଛାତିକୁ ଗିଳିଲା ।
ଛାତି ଗିଲୁଁ ଗିଲୁଁ ନିନି ବେକକୁ ଗିଳିଲା
ଉଠରେ ପାର୍ବତୀ ନିନି ଘରକୁ ତୁ ପଳା ।

ବଡ଼ ନାନୀକ ଇମିତି ଚିହିଁଳି ଗରଳି କଲାବଳେ  ସାନ ଭଣୀକ ଉଠି ବସିକରି ଦେଖିଲା ଯେ ବଡ଼ାସାପ୍ ନାନୀ କରକଇ ଢ଼ଙ୍କି ସାରିଲାନେ । ପଛେ ସିଏ ଉଠଣୀ ଘଟକି ଘଟକି ଘରକଇ ତାଙ୍କର ପଳ୍ଲା । ଘରେ ଯାଇକରି ସବୁକଥା ସବୁକି କହିଲା । ଏଣେ ପାଖେ ଡର ଥାଏ । ଯାଇ କରି ଭାଡ଼ି ତଳେ ଥିର୍‌କରି ଛାପିଲା । ବଡ଼ାସାପ୍ ଯେ ଗରଣ୍ଡି ଗରଣ୍ଡି ଯାଇକରି ତାଙ୍କର ଘରେ ପହଁଚିଲା । ଯାଇକରି ପଚାରିଲା; ଶାଳୀ ଟକିଟା ଘରକଇ ଆସିଲା କି ? ଘରେ ଆର୍‌ଲା ବଡ଼ା ସାପ୍‌କି ବଲାଇ ନାଇଁତା ଆସିନାଇଁ । ଦେ ହିଁ ପିଣ୍ଡା ହାଡ଼େ ବସ । ରାତି ତା ହିଛି ଶଇଶୁଆ ପଳ । ସକାଲ୍ ହେନେ ଯିବ । ବଡ଼ା ସାପ୍ ହଁ ବଲା । ପିଣ୍ଡାରେ ଶଇ ପଳିଲା । ବଡ଼ାସାପ୍ ଶଇ ପଳିଲା ବଳେ ତାହାକଇ ହାଣି ଦେନାଇଁ । ପେଟ୍‌ଟା ଚିଦି କରି ଟକିଟାକଇ ବାହାର କନାଇଁ । ବଡ଼ା ସାପ୍ ମଲା ବଖାଣୀ ଏଠି ସଲା ।



# ବୁଢ଼ି ଭାଲୁକାଣୀ

ଏକ୍ ଥିଲା ସାଦ୍‌ବ ବୁଢ଼ା । ସାଦ୍‌ବ ବୁଢ଼ାର୍ ଗୁଟେ ପୁଅ । ଟକାଟା ଜୁଆନ୍ ହେଲାବେଳେ, ସାଦ୍‌ବ ବୁଢ଼ା ଓ ସାଦ୍‌ବ ବୁଢ଼ି ତା କଇ କନିଆଁ ଗୁଟେ ଆଣି ଦେମୁଁ ବଲାଇ । ହାର୍ ଦେଖ୍ ନନ ଆମେତା ବୁଢ଼ା ବୁଢ଼ି ହେନୁଁ । ଟକାଟା ହିଁ ବଲା । ପାସ୍ କଇ ଗୁଆଗୁଣ୍ଡା ଆଉ ଧୁରିଆକଇ ଚିଠି ପତର୍ କଲାଇ । ସାଦ୍‌ବ ବୁଢ଼ାର ଘରୁ ବଣ୍ ଡେଗିନେ ଆଉ ଗୁଟେ ଗାଁ । ସି ଗାଁରୁ ବାହାକରି ଦେନାଇଁ । ବାହାଗର୍ ପଛେ ପୁଅବଉ ଦିଝଣ୍ ବାହୁଡ଼ା ଗନାଇ । କେତେ ଦିନ୍ ରହିଲାଇ । ଟକିଟା ବଲା ଆଉଥରେ ବୁଆକି ମାଁ କି ଆଉ ସାଙ୍ଗଲାକଇ ବଢ଼େ ମନେ କରସଇଁ । ପଛେ ଟକାଟା ବଲା ଦେତବେ ପିଠାପଣା ବନା ଦେଖିକରି ଆସିବା । ପିଠାପଣା ବନାଇ କରି ଗଲାଇ । ଟକିଟାର ବୁଆଁ ମାଁ କର୍ ଘରେ କେତ୍‌ଦିନ୍ ରହିଲା ପରେ ଟକାଟା ବଲାଦେପିଠାପଣା କର୍ ଆମର୍ ଘରକଇ ଯିଆ ବୁଢ଼ାବୁଢ଼ି ହଇରାଣ ହେଥିବାଇ । ସେଣାଠୁଁ ପିଠାପଣା ବନାଇ କରି ଆରଦିନ ଖାଇପିଇ କରି ଘରକଇ ପଳାଥାନ୍ତି । ଆସିବାବେଳେ ଟକାଟାକଇ ବାଟ୍‌ରେ ହଗ୍ ହଗ୍ କଲା । ପାଣି ଦେଖି ଦେଖି ଗନାଇଁ ଯେ ଠାଣେଁ ରାଇ ଗଛମୂଳ୍ ପାଖରେ ପାଣି ଆଛି । ଟକାଟା ବଲା, ତୁଇଁ ଇଠିଥା ମୁଇଁ ହଗିକରି ଆସଇଁ ଟକାଟା ହଗିଗଲା । ଟକିଟା ରାଇଗଛ୍ ମୂଳେ ବସିଥାଇ । ଏତ୍‌କି ବଳେ ବୁଢ଼ି ଭାଲୁଗୁଟେ ଆସିଲା । ଟକିଟାଇ ବଲା ଏମାରେ ନନୀ ତୁଇଁ ହେଡ଼େ ନିକ ଲୁଗା ପିନ୍ଧିଛସି, ଦେମୁଇଁ କଟିଏ ପିନ୍ଧି ଦେଖଇଁ । ଟକିଟା ବଲା ମୁଇଁ ନାଁ ଦେଇଁ, ତକଇ ଦେନେ ମକଇ ଘରେ ଲାଗିମାଇଁ ଭାଲୁବଲା ନାଁ ଦେବେ ହେନେ ତର୍ ଆଁଖିଟା ଟାଡିଦେବି । ଟକିଟା ଡରେ ମରେ ଲୁଗାଟା ଭାଲୁଟାକଇ ଦେଲା । ପଛେ ଭାଲୁ ବଲା ଦେତର ଜାକଟ୍‌ଟା ପିନ୍ଧି ଦେଖଇଁ, ନାଁ ଦେବେ ହେନେ ଆଁଖିଟା ଟାଡିଦେବି ।



ଟକିଟା ଜାକିଟ୍‌ଟା ହିଁ ଖୁଲିକରି ଦେଲା । ଏମିତି କରି ଟକିଟା ଯାହା ଯାହା ପିନ୍ଧିଥିଲା, ସବୁ ଖୁଲିକରି ଭାଲୁକଇ ଦେଲା । ବୁଢ଼ି ଭାଲୁ ସଜାଳିହି ପିନ୍ଧଥିବା ବଳେ ଟକିଟା ରାଇଗଛର୍ ଡଡ଼୍‌ର ଭିତ୍‌ରେ ଲୁକିଲା । ଟକାଟା ଆସିଲା ଯେମନ୍ତ୍ ଭାଲୁ ହର୍‌ବର ହି କରି ଟକିଟା ବହିଥିଲା ମଟ୍‌କି ଭଇଲା ହେଲା, ଟକାଟାକଇ କଲା ତମେ ଆଗେ ହେଅ, ସଞ୍ଜ ହେଲାନେଁ ବେଗି ବେଗି ଯିଆ । ସେଠାଣୁଁ ଝାଇ ଝାଇ ଆସିକରି ଘରେ ପହଞ୍ଚିଲାଇ । ଘରକଇ ପହଞ୍ଚିଲାଇ ଯେମନ୍ତ ବୁଢ଼ିଭାଲୁ ବଲା ଉହୁ.. ଉହୁ.. ମକଇ ବଡ଼େ ଜର୍ କରଛି, କନ୍ଥା ପଟିଆ ଆଣିକରି ଡବାଇ ଦେଅ । ବଡ଼େ ଶୀତ୍ କରଛି ବ ଉହୁ.. ଉହୁ.. । ସି ଦିନ ରାତିରେ କାମ୍ କୁମୁ ହିଁ ଦେଖା କଲାଇ । ସକାଳ ହେଲା ବଳେ ଟକାଟା ଉଠ୍‌ଲା । ଉଠ୍‌ବ ଭାତ୍ ତୁଣ୍ ଖାଆ । ଭାଲୁଟା ବଲା ମୁଇଁ ଭାତ୍ ତୁଣ୍ ନାଁ ଖାଇଁ, ମକଇତା ବଡ଼େ ଜର କରଛି । ଉହୁ.. ଉହୁ.. କଲା । ଟକାଟାର ବୁଆକ ମାଁଙ୍କ ହିଁ ଉଠ୍‌ଲାଇ ଯେ ନାଁ ଉଠିଲା । ପଛରେ ଟକିଟାର୍ ବୁଆ ମାଁ କରକଇ ଖବର୍ ଦେଲାଇ ଯେ ତମର୍ ଝୀଇ ତମର୍ ଠାଣୁଁ ଆସି କରି ବଡ଼େ ଜରାଛି । ଖିଆ ନାହିଁ ପିଆ ନାହିଁ । ଯେତେ ରାଉଳିଆ ସଗୁଣିଆଁ କରଛୁ ନାଁ ହେଛି । ଖବର୍ ପାଇକରି ଟକିଟାର୍ ଘର ତାର ବୁଆକ, ମାଁକ କାକୀକ, କକାକ, ମାମୁକ, ମାଇଁକ, ଅଜାକ, ଆଈକ ସବିଏ ଦେଖି ଯିଆକଇ ବାହାରିଲାଇ । ଭାତ୍ ତୁଣ୍ ରାନ୍ଧି କରି ନିଇ ଦେବା ବଲାଇ । ସବିଏ ଚାଲିଚାଲି ଆସଥାନ୍ତି । ଚାଲ ଚାଲ ଯିଏ ଯେମନ୍ତ୍ ଚାଲଛ ଚାଲ ବଲାଇ । ବଣ୍ ମୁଣ୍ଡିରେ ଝରା ଥିବ ବଲାଇ । ସିଠାଣୁଁ ଏକା ସାଙ୍ଗେ ଯିଆ ବଲାଇ ।



ବଣ୍‌ରେ ଯିଆ ବଲେ ସି ରାଇଗଛ ମୂଳକଇ ହେନ୍ତି ବଲେ ଟକିଟା କାନ୍ଦି କାନ୍ଦି କହଇ–

“ମାଆ ଯା..ଆ..ଛକି ବୁଆ ଯା..ଆ..ଛ ଯେ
ବୁଢ଼ୀ ଭାଲୁକାଣୀ ଦେଖି
ତୁମର୍ ଝିଅ ତ ଦୁଃଖରେ କାନ୍ଦୁଛି
ରାଇ ଗଛ ମୂଳେ ବସି ।”

ଯିଏ ପହଞ୍ଚନ୍ତି, ସବ୍‌କି ଦେଖିକରି ଏମନ୍ତି କାନ୍ଦିଲା । ସବିଏ ବଲାଇ ଏଠି ବଣ୍‌ଟାରେ କିଏ କାନ୍ଦିଆକ୍ । ଚଲଇଚୁଲା ଗଗାଛନ୍ତି ବଲେ ହି ମିନ୍ତି ସଦାଛି ।

ନିଖାଲ୍ ପଛେ ପହଞ୍ଚିଲାଇ ଟକିଟାର ଅଜାକ ଆଉ ଆଇକ । ସେଲାକଇ ହିଁ ସିମିନ୍ତି କାନ୍ଦିଲା ।

“ଅଜା ଯା..ଆ..ଛକି ଆଇ ଯା..ଆ..ଛ ଯେ
ବୁଢ଼ୀ ଭାଲୁକାଣୀ ଦେଖି
ତୁମର ନାତୁଣୀ ଦୁଃଖରେ କାନ୍ଦୁଛି
ରାଇଗଛ ମୂଳେ ବସି ।”

ବୁଢ଼ା ବଲା, ଦେଖ୍‌ବେଇ ବୁଢ଼ି କିଏ ଯେ କାନ୍ଦଛି । ବୁଢ଼ି ଭଲ୍‌କରି ଶୁଣି ଦେଖିଲା । ବୁଢ଼ି ବଲା ଏଟାତା ଆମର୍ ନାତୁଣୀର୍ ଟୁଣ୍ଡ୍‌ଟାମିତି ସଦାଛି । ପଛେ ବୁଢ଼ି ସବୁଆଳେ ଡଙ୍ଗି ବୁଲିଲା । ଟକିଟା ଆଇ କର୍‌କଇ ଦେଖିକରି କାନ୍ଦି କାନ୍ଦି କହିଲା, ମୁଇଁ ଏଠି ଆଛଇଁ ।



ଲୁଗାକଟିଏ ଆଣ୍, ମକଇ ଢ଼ମ୍ପାଇ ଦେ, ମୋର୍ ଦେହେରେ କିଛି ନାଇନେ । ବୁଢ଼ି ସାଙ୍ଗେ ସାଙ୍ଗେ ଭଇ ଥିଲା ଠାଣୁଁ ଲୁଗାକଟିଏ ଆଣି କରି ଦେଲା । ଟକିଟା ବୁଢ଼ିକି ସବୁକଥା କହିଲା । ବୁଢ଼ି ବଲା ମୁଇଁ ହେଇ ଆଗଲାକଇ ଡାକଇଁ ଘର୍କଇ ପଲ୍ବା । ଆଗର୍ ଲୁକ୍ଲାକଇ ଡାକିଲାଇ, ସେଗା ଯେ ଆଗ୍ରେ ଜଗି ଥିଲାଇ । ସବୁକଥା ଯାଇକରି କହିଲାରୁ ଯେମ୍ତି ସବିଏ ସିଠାଣୁଁ ଫେରି ଆସିଲାଇ । ଟକିଟାକଇ ଘର୍କଇ ଡାକି ଆଣିଲାଇ । ତା ଆରଦିନ ସମ୍ଦି, ସମ୍ଦଣୀକ ଯାଇକରି ପହଁଞ୍ଚିଲାଇ । ପହଁଞ୍ଚିକରି ସବୁକଥା ସମ୍ଦି, ସମ୍ଦଣୀ ଆଉ ଟକାଟାକଇ କହିଲାଇ । ଏଟା ପରାଇ ବୁଢ଼ି ଭାଲୁକାଣୀଟା । ପଛେ ବାଗ୍ରେ ଦେଖିବାକଇ ଯାଇକରି ବଲାଇ, ଏନନୀ ଉଠ୍ କେଢ଼େ ଜର କରିଛ ଯେ । ବୁଢ଼ୀ ଭାଲୁକାଣୀ ବଲା ଉହୁ .. ଉହୁ.. ମକଇ ବଢ଼େ ଜର କରଛିବ.. ଅ.. ଆଉ ଲୁଗା ଢ଼ମ୍ପାଇ ଦେଅ । ହଁ ତବେ ନନୀ ରଇଥା । ପାଣି୍ ଟକ୍ମକ୍ ଟକ୍ମକ୍ ଫୁଟଥାଇ । ପଛେ ଉଠ୍ ଲୁଗାପଟା ଖୁଲ୍ ଗାଧିବେ ବଲାଇ । ବୁଢ଼ୀ ଭାଲୁକାଣୀ ବଲାମୁଇଁ ଲୁଗାନାଁ ଖୁଲଇଁ ବ ବଢ଼େ ଶୀତ୍ କରଛି । ଲୁଗାଲା ଅଲ୍ ହି ଥିବି । ହଁ ତେବେ ଢ଼ମ୍ପୁଆ ହିଁ ଥା ଗଧୁଆଇ ଦେମୁଁ ବଲାଇ । ବୁଢ଼ି ଭାଲୁକାଣୀ କି ପଣ୍ଡାଲ୍ ବେଟେ ଧେରି କରି ନେଲାଇ । ଏଠି ବସ୍ ବଲାଇ । ବୁଢ଼ି ଭାଲୁକାଣୀ ବସିଥିଲା ବଲେ, ତତିଲା ପାଣିଣାଁ ଢ଼ାଳି ଦେଲାଇ ଯେ ବୁଢ଼ି ଭାଲୁକାଣୀ ସିଠି କୁଁହୁଁରି କୁଁହୁଁରି ମଲା । ପଛେ ଟକିଟାକଇ ଦେଖାଇ ଦେଲାଇ । ଏଟା ତମର୍ ବଉ ନେଁଅ ବଲାଇ । ସମ୍ଦି, ସମ୍ଦଣୀକ କହିଲାଇ କାହିଁଥିଲେ ବ ଆମର୍ ବଉ, ଶଳା ବୁଢ଼ି ଭାଲୁକାଣୀ ଭଲେ ଖାଇ ନାଁ ଦି ଥିଲା । ସବିଏ ଖାଲି ହାଇସୁ ହି ବୁଲିଲାଇ । ଆର ଦିନ ଟକିଟାର ମାଁ କହେଲା ବୁଆକ ଘର୍କଇ ଫେରିଲାଇ । ଟକିଟା ତାର୍ ଶାଶୁ, ଶଶୁର୍ ଘରେ ଅଇସ୍ରେ ଯୁଗ୍ରାଇଜ୍ କଲା ।



# ମାଙ୍କଡ଼ ଆଉ ସାତ ଭଉଣୀ

ଏକ୍ ସାଦ୍‌ବ ବୁଢ଼ାର ସାତ୍‌ଟା ଝିଅ ଆଉ ସାତ୍‌ଟା ପୁଅ ଥିଲାଇ । ଦିନେଁ ସାତ୍‌ଟାଯାକ ଭଣୀ ନାଳକଇ ଗାଧି ଗନାଇଁ । ଲୁଗାଗା ସବୁ ଖୁଲିକରି ରଖିନାଇଁ । ହଲ୍‌ଦି ବାଟି ନାଇଁ । ସାତ୍ ଭଣୀଯାକ ଭାଗ୍ କନେଇଁ ଯେ ଭାଗେ ବଲ୍‌ଲା । କାହାକଇ ଦେବା ବଲାଇ । ହିଠୁଁ ମାକଲଟାଇ ଛାପି କରି ଦେଖଥିଲା । ଟକିଲା କହିନାଇଁ କିଏ ଝାଲେ ନାଲେ ଆସ ଯେ ଭାଗେ ବଳିଛି ମାଖିଦବ । ମାକଲ ପାଖିକେ ଆସିଲା ଆର୍ ମାଖିଲା । ମାଖିକରି ଉମ୍ପର୍ ଆଳେ ଗାଧିଲା । ସାତ୍ ଭଣୀଯାକ ତଳକଇ ଗାଧିନାଇଁ । ମାକଲ ଭାବିଲା ବଡ଼ ଭଣୀକି ନେନେ ସାନଭଣୀଗା ଭେଣାଇ ବଲି ମକଇ ହଇରାଣ କରିଦେବାଏ । ସାନ୍‌ଟକିଟାକଇ ନେନେ ଆରଗା ମକଇ କେହି ନା ଛୁଅନ୍ତି । ଏମିତି ଭାବିକରି ସାନ୍ ଟକିଟାରୀ ଲୁଗା ଭଇକରି ପଳଲା । ସାତ୍ ଭଣୀଯାକ ଗାଧିନାଇଁ ବୁଡିନାଇ । ଗାଧିସାରି ପଦାକଇ ଆସିନାଇଁ । ସବିଏ ଲୁଗା ପିନ୍ଧି ଲାଏଁ । ସାନ୍ ଟକିଟା ତାର ଲୁଗା ଖଜି ଖଜି ନାଁ ପାଇଲା । ପଛେ ନାନିମାନକରକଇ ମର ଲୁଗାଟା ଖଜି ଦବ ବଲି କହିଲା । ଦେଖିଲା ଯେ ମାକଲଟାଇ ଲୁଗା ଭଇକରି ଗଛ ଉପରେ ବସିଛି । ବଡ଼ନାନିକରକଇ ଲୁଗାଟା ମର ମାଗିଦେ ବଲି କହିଲା । ବଡ଼ନାନିକ ମାକଲକଇ ଲୁଗାଟା ମାଗିଲା ।

ମାକଲ ମାକଲ ବଲେ ହୁଁ
ଦେଏ ନି ନିନିର୍ ଲୁଗାଟା ବଲେ ହୁଁ
ମାକଲ – ମାକଲ ନା ବଲ ଜୁଆଁଇ ବଲ
ତେବେ ସେ ଦେବି ଲୁଗା ତର ବଲ ହୁଁ



ବଡ଼ନାନୀକ ବଲା, ଶଳା ମାକଳ୍ ତକଇ ଖାଲି ଜୁଆଁଇଁ ବଲିବି । ଦେବେ ହେନେତା ଦେଏ.. । ଇମିତି କହିକରି ପଲ୍ଲା । ପଛେ ତାର୍ ଠାଣୁଁ ସାନ୍ ଭଣୀକରକଇ କହିଲା, ଯାଆ ତୁଇଁ ମାଙ୍ଗିଦେ । ସିଏ ଯାଇକରି ସିମିତି ମାଙ୍ଗିଲାବେଳେ ତାହାକଇ ହିଁ ଜୁଆଁଇଁ ବଲ୍ ବଲି କରି କହିଲା । ଶେଷରେ ଛଅଭଣୀଯାକ ମାଙ୍ଗିଦେଖିଲାଇ ଯେ ମାକଳ ଲୁଗାଟା ନା ଦେଲା । ପଛେ ସବିଏ ବଲାଇ ଯାଆ ତୁଇଁ ନିଜେ ମାଙ୍ଗି ମୁଙ୍ଗା କରି ପିନ୍ଧିଦେ । ଆମେ ଘରକଇ ପଳାନୁନେ । ସବୁ ଭଣୀଗା ପଲ୍ଲାଇ ବଳେ ସାନ୍ ଟକିଟା ଯାଇକରି ମାଙ୍ଗିଲା–

ମାକଳ ମାକଳ ବଲେ ହୁଁ
ଦେଏଁନି ମୋର ଲୁଗାଟା ବଲେ ହୁଁ
ଗାଧୋଇ ସାରିଲି ପିନ୍ଧିବି ବଲେ ହୁଁ
ଭଣିଗା ଛାଡ଼ି ଗଲେନି ବଲେ ହୁଁ ।

ମାକଳ କହିଲା – ମାକଳ ନା ବଲ ସ୍ୱାମୀ ବଲ
ତେବେ ସେ ଦେବି ଲୁଗା ତର ବଲେ ହୁଁ
ତେବେ ସେ ଦେବି ଲୁଗା ତର ବଲେ ହୁଁ..

ସାନଝିଅ – ସ୍ୱାମୀ ଗୋ ସ୍ୱାମୀ ବଲେ ହୁଁ
ଦିଅ ଗୋ ମୋର ଲୁଗାଟା ବଲେ ହୁଁ
ଗାଧୋଇ ସାରି ପିନ୍ଧିବି ବଲେ ହୁଁ



ପିନ୍ଧିସାରି ତୋ ସାଙ୍ଗେ ଯିବି ବଲେ ହୁଁ । ମାକଳ ଝାଇ ଝାଇ ଗଛରୁ ଅଦରି ଆସିଲା । ଟକିଟାକଇ ଲୁଗାଟା ଦେଲା । ଟକିଟା ଲୁଗା ପିନ୍ଧି ମାକଳ ପଛେ ପଛେ ଚାଲିଲା । ବଣରେ ଚାଲି ଚାଲି ଗଲାବଲେ ଟକିଟାକଇ ଭୋକ ଲାଗିଲା । ସେ ମାକଳକୁ କହିଲା–

ସ୍ୱାମୀ ଗୋ ସ୍ୱାମୀ ଗୋ ବଲେ ହୁଁ
ଭୁକରେ ପେଟ୍‌ଟା ଜଳୁଛି ବଲେ ହୁଁ
କିଛି ଆଣି ଦେନେ ଖାଇତି ବଲେ ହୁଁ ।

ମାକଳ ଗଲା ଯେ, ବଣରୁ କେନ୍ଦୁ ଗଣ୍ଡାଇ ଆଣିଲା । ଖାବାକଇ ଦେଲା । ସେଠାଣୁ ଆଉ ଥରେ ଚାଲିଲାଇ । ବାଟରେ ଟକିଟାକଇ ଶୋଷ୍ କଲା ବଲେ ମାକଳକେ କହିଲା–

ସ୍ୱାମୀ ଗୋ ସ୍ୱାମୀ ଗୋ ବଲେ ହୁଁ
ଶୋଷରେ ତଣ୍ଟି ମୋ ଶୁଖୁଛି ବଲେ ହୁଁ
ବଡ଼େ କଲବଲ ଲାଗୁଛି ବଲେ ହୁଁ ।



ମାକଳ ଗଲା ଯେ ଗୁଟେ ଚୁଆରୁଁ ପତର୍ ପଚା ପାଣି ଆଣି କରି ଦେଲା । ଟକିଟା ପାଣି ପିଇଲା ହେଲା ଆଉଥରେ ଚାଲିଲାଇଁ । ବଡେଦୂରିଆ ଗଲା ପରେ ଟକିଟା ମାକଳକୁ ପଚାରିଲା –ସ୍ୱାମୀ ଗୋ ସ୍ୱାମୀ ଗୋ ବଲେ ହୁଁ

ଆଉ କେତେ ଦୂର ଘରଟା ବଲେ ହୁଁ
ବଥା ହେଲାଣି ମୋ ଗୋଡ଼ଟା ବଲେ ହୁଁ
ମାକଳ କହିଲା– ଆଉ ଟିକେ ଚାଲ ବାଟଟା ବଲେ ହୁଁ
ଦିଶଛି କଦଳୀ ତୋଟାଟା ବଲେ ହୁଁ
ସେଇଠି ଆମର୍ ଘର୍ଟା ବଲେ ହୁଁ ।

ଶେଷରେ ମାକଳ ଘରେ ଯାଇ ପହଁଚିନାଇଁ । ମାକଳ ଘରେ କେତେଦିନ ରହିଲାଇ । ମାକଳର ଛୁଆଗୁଟେ ହେଲା । କେତେ ଦିନ୍ ପରେ ସାତ୍ ଭାଇ ବଣରେ ଖଜି ଖଜି ଯାଇ କରି ପହଁଚିଲାଇ । ସେତେ ପହରା ମାକଳ ଘରେ ନାଥିଲା । ଘରେ ଖାଲି ତାଙ୍କର ଭଣିକ ଆର ମାକଳ ଛୁଆଟା ଥିଲାଇ । ଭାଇମାନ୍କ କହିଲାଇ, ନିନି ତୁଇ ଏଠି ପଡ଼ିଛୁ । ମାକଳ ତ ନାଇଁନେ, ଚାଲ ଘରକଇ ପଳ୍ବା । ତାହାକଇ ତାର୍ ମାକଳ ଛୁଆଟାକଇ ଧରି ପଳ୍ଯାଇ ।



# ବଡ଼ା ସାପ୍‌ର ସୋରିଷ ଚାଷ

ଗୋଟେ ରାଇଜ୍‌ରେ ସ୍ୱାମୀ-ସ୍ତ୍ରୀ ଦି ପରାଣୀ ରହଥିଲାଇ । ଛୁଆପିଲା ହି ନାଁ ଥିଲାଇ । ଇମିତି କେତେ ଦିନ୍ ଗଲା । ଇସ୍ତ୍ରୀ ତା'ର ମା ହେବାକଇ ବସିଲା । ତା'ର ଶାଗ୍ ଖାବାକଇ ବଢ଼େ ମନ୍ କଲା । ସେଇ ପାଖରେ ଗୁଟେ ବଡ଼ା ସାପ୍‌ଟାଇ ସୁରିଷ ଶାଗ୍ ରୁଇ ଥିଲା । ସୁରିଷ୍ ଶାଗ୍ ଗଣ୍ଡେ ମାଙ୍ଗିଗଲା । ବଡ଼ା ସାପ୍‌ଟା ବଲା ଝିଅ ହେନେ ମୋର୍ ପୁଅ ହେନେ ତର୍ । କେତେ ଦିନ୍ ପରେ ଝୀଅଟାଇ ଜନମ୍ ହେଲା । ସାନୁରୁଁ ବଡ଼୍ ହେଲା । ତାର୍ ମାଁ ବଲା ଯାବ ନିନି ସୁରଷ ଶାଗ୍ ବଡ଼ା ସାପ୍‌ଟିକି ମାଙ୍ଗିଯିବେ । ଟକିଟା ହଁ ବଲା । ମାଙ୍ଗିଗଲା ସିଏ କମ୍ ଦିଗଟ୍ ଶାଗ ତଳି ଥିଲା । ବଡ଼ା ସାପ୍ ତାର୍ ଘର୍ କଇ ଟାଣିନେଲା । ଟକିଟା ଘର୍ ପଣ୍ଡାଲ୍ ବାଟେ କାନ୍ଦିଲା । ହେଠୁଁ ବଡ଼ା ସାପ୍ ବଲା –

"ଅଳି ତଳେ କାନ୍ଦିବେକି ନିଆଁ ଠେକାବେ ଯେ
ଦେ ଦେ ମୋର୍ ସୁରଷ ଶାଗ୍ ଯା ଯା ତର୍ ବାପ୍‌ଘର୍ ।
ଅଳି ତଳେ କାନ୍ଦିବେ କି ଡେକ୍‌ଚି ଡୁଗ୍‌ଚା ମାଞ୍ଜିବେ ଯେ
ଦେ ଦେ ମୋର୍ ସୁରଷ ଶାଗ୍ ଯା ଯା ତର୍ ବାପ୍‌ଘର୍ ।
ଅଳି ତଳେ କାନ୍ଦିବେ କି ପାଣିପୁଣା ଆଣିବେ ଯେ
ଦେ ଦେ ମୋର୍ ସୁରଷ ଶାଗ୍ ଯା ଯା ତର୍ ବାପ୍‌ଘର୍ ।
ଅଳି ତଳେ କାନ୍ଦିବେ କି ଚାଉଲ୍ ଚୁଲା ଝମ୍ପାବେ ଯେ
ଦେ ଦେ ମୋର୍ ସୁରଷ ଶାଗ୍ ଯା ଯା ତର୍ ବାପ୍‌ଘର୍ ।



ଅଳି ତଳେ କାନ୍ଦିବେ କି ଭାତ୍‌ଭୁତା ଅହ୍ଲାବେ ଯେ
ଦେ ଦେ ମୋର୍ ସୁରକ୍ଷ ଶାଗ୍ ଯା ଯା ତର୍ ବାପ୍‌ଘର୍ ।
ଅଳି ତଳେ କାନ୍ଦିବେ କି ତୁଣ୍ ତୁଣା ରାନ୍ଧିବେ ଯେ
ଦେ ଦେ ମୋର୍ ସୁରକ୍ଷ ଶାଗ୍ ଯା ଯା ତର୍ ବାପ୍‌ଘର୍ ।
ଅଳି ତଳେ କାନ୍ଦିବେ କି ଭାତ୍ ତୁଣ୍ ଦେବେ ଯେ
ଦେ ଦେ ମୋର୍ ସୁରକ୍ଷ ଶାଗ୍ ଯା ଯା ତର୍ ବାପ୍‌ଘର୍ ।
ଅଳି ତଳେ କାନ୍ଦିବେ କି ଧାନ୍ ଧୁନା ଶୁଖାବେ ଯେ
ଦେ ଦେ ମୋର୍ ସୁରକ୍ଷ ଶାଗ୍ ଯା ଯା ତର୍ ବାପ୍‌ଘର୍ ।
ଅଳି ତଳେ କାନ୍ଦିବେ କି ଧାନ୍‌ଧୁନା କୁଟିବେ ଯେ
ଦେ ଦେ ମୋର୍ ସୁରକ୍ଷ ଶାଗ୍ ଯା ଯା ତର୍ ବାପ୍‌ଘର୍ ।
ଅଳି ତଳେ କାନ୍ଦିବେ କି ଚାଉଳ୍ ଚୁଳା ବତ୍‌ରାବେ ଯେ
ଦେ ଦେ ମୋର୍ ସୁରକ୍ଷ ଶାଗ୍ ଯା ଯା ତର୍ ବାପ୍‌ଘର୍ ।
ଅଳି ତଳେ କାନ୍ଦିବେ କି ପିଠାପୁଠୁ କୁଟିବେ ଯେ
ଦେ ଦେ ମୋର୍ ସୁରକ୍ଷ ଶାଗ୍ ଯା ଯା ତର୍ ବାପ୍‌ଘର୍ ।
ଅଳି ତଳେ କାନ୍ଦିବେ କି ପିଠାପୁଠୁ ବନାବେ ଯେ
ଦେ ଦେ ମୋର୍ ସୁରକ୍ଷ ଶାଗ୍ ଯା ଯା ତର୍ ବାପ୍‌ଘର୍ ।



ଅଲି ତଳେ କାନ୍ଦିବେ କି ପିଠାପୁଠୁ ଜଗାଳିବେ ଯେ
ଦେ ଦେ ମୋର୍ ସୁରକ୍ଷ ଶାଗ୍ ଯା ଯା ତର୍ ବାପ୍‌ଘର୍ ।
ଅଲି ତଳେ କାନ୍ଦିବେ କି ବାପ୍ ଘର୍‌କଇ ଯିବେ ଯେ
ଦେ ଦେ ମୋର୍ ସୁରକ୍ଷ ଶାଗ୍ ଯା ଯା ତର୍ ବାପ୍‌ଘର୍ ।

ଟକିଟା ଇଲାଗର୍ ହଁ ବଲା । ଟକିଟା ଆଗେ ଚାଲିଲା ଆଉ ବଡ଼ା ସାପ୍ ପଛାକଇ ଚାଲିଲା । ବଡ଼ାସାପ୍ ଗିଳ୍‌ବାକଇ ଆଁ କଲା ବେଲ୍‌କଇ, ଟକିଟା ବଲା କିସ୍‌କଇ ଆଁ କରଛସି । ହିଁ ବଳେ ତୁଇଁ ଆଗ୍‌ରେ ଚାଲ୍ ମୁଇଁ ପଛକଇ ଚାଲ୍‌ବି ବଲା । ବଡ଼ାସାପ୍ ଆଗେ ଆଗେ ଆଉ ଟକିକ ପଛେ ପଛେ ଚାଲିନାଇଁ । ଗେନାଇଁ ଯେ ଘର୍‌କଇ ପହଂଚିନାଇଁ, ବସିନାଇଁ । ମାଁକ ବାହାରିଲା । ଝି କର୍‌କଇ ବଲା ଚାଲ୍ ନନୀ ଗାଧିଯିଆ । ବଡ଼ା ସାପ୍‌ଟା ବଲା ମୁଇଁ ଗୁଟେ ଗାଧି ଯିଇ । ମା'କ ବଲା ନାଁ ଜୁଆଇଁ, ଆସିଲେ ଘରେ ଗଧୁଆମୁଁ । ବଡ଼ାସାପ୍ ହଁ ବଲା । ମାଁ ଝିଇକ ଗାଧିକରି ଆସିନାଇଁ, ପାଣି ତତ୍ ନାଇଁ । ବାପ୍‌କ ଗୁଟେ ଗାତ୍ ଖଳିଲା । ମାଁକ ବଲା ଚାଲ ଜୁଆଁଇଁ ତଳେ ଢୁକ, ପାଣି ଢ଼ାଳି ଦେମୁଁ ଯେ ଉଷୁମ୍ କରି ଗାଧିବ । ତା ପରେ ତତିଲା ପାଣି ଆଣି କରି ବଡ଼ା ସାପ୍‌କି ଢ଼ାଳିନାଇଁ । ବଡ଼ାସାପ୍ ବଲା ଭଲେ ଜାଣି ପାରିଲ ନାଁ ହେନେ ଝିଇ ତର୍‌କଇ ଢ଼ଙ୍କି ଦିତି । ବଡ଼ା ସାପ୍ ମଲା ।

**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ,

ଓଡ଼ିଶା ସରକାର, ଭୁବନେଶ୍ୱର